


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୨ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 AUGUST 2022
Vol.No. 35 ■ No. 201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

# ସଞ୍ଜୟ ରାଉତଙ୍କୁ ୪ ଦିନ ପାଇଁ ହେପାଜତକୁ ନେଲା ଇଡି



ନୂଆଦିଲ୍ଲୀ, ୦୧/୦୮ : ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ସରକାର ହଟିଲା । ଶିବସେନା ବିଦ୍ରୋହୀ ଗୋଷ୍ଠୀର ନେତୃତ୍ୱ ନେଉଥିବା ଏକନାଥ ସିନ୍ଦେ ନୂଆ ମୁଖ୍ୟମନ୍ତ୍ରୀ ବନିଲେ । କିନ୍ତୁ ଏବେ ସୁଦ୍ଧା ମହାରାଷ୍ଟ୍ରର ରାଜନତିକ ପରିସ୍ଥିତି ସ୍ଥିର ହେବାର ନାଁ ଧରୁନାହିଁ । ଏବେ ଇଡି ଟାର୍ଗେଟରେ ଶିବସେନା ସାଂସଦ ସଂଜୟ ରାଉତ୍ । ଇଡି ନିଜ ହେପାଜତକୁ ସଂଜୟ ରାଉତଙ୍କୁ ନେଇଛି । ପାତ୍ର ଚଲ ଜମି ଦୁର୍ନୀତି ମାମଲାରେ ଗତକାଲି ରାତିରେ ସଞ୍ଜୟ ରାଉତଙ୍କୁ ଇଡି ଗିରଫ କରିଥିଲା । ଶିବସେନାର ଏହି ମୁଖପାତ୍ର ଏବେ ଅଗଷ୍ଟ ୪ ଯାଏ ଇଡି ହେପାଜତରେ ରହିବେ । ପାତ୍ର ଚଲ ଜମି ଦୁର୍ନୀତି ମାମଲାରେ ଗତକାଲି ରାତିରେ ସଞ୍ଜୟ ରାଉତଙ୍କୁ ଇଡି ଗିରଫ କରିଥିଲା । ସରକାରୀ ଜମିକୁ ଠକିବା, ନିର୍ମାଣକାରୀ କମ୍ପାନୀକୁ ଅନୁଗ୍ରହ ଦେଖାଇବା, ୧, ୦୩୪ କୋଟି ଟଙ୍କା ଠକେଇ ଆଧାରରେ ଇଡି ଏହି ଗିରଫ କରିଛି । କୋର୍ଟରେ ସଞ୍ଜୟଙ୍କୁ ହାଜର କରିଥିଲା ଇଡି । ଏହି ସମୟରେ ଉଭୟ ପକ୍ଷ ରଖିଥିଲେ । ଇଡି ଦସ୍ତାବିଜ ଦାଖଲ କରି କହିଛି ସଞ୍ଜୟ ରାଉତଙ୍କ ପରିବାର ଏହି ଘୋଟାଲା ଜରିଆରେ ୧ କୋଟି ୬ ଲକ୍ଷ ଟଙ୍କା ଲାଭବାନ ହୋଇଛି । ▶▶ପୃଷ୍ଠା ୭

# ଜବଲପୁର ଡାକ୍ତରଖାନାରେ ଅଗ୍ନିକାଣ୍ଡ, ୧୦ ମୃତ

## ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା ଘୋଷଣା



ନୂଆଦିଲ୍ଲୀ, ୦୧/୦୮ : ମଧ୍ୟପ୍ରଦେଶ ଡାକ୍ତରଖାନା ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କର ମୃତ୍ୟୁ ହୋଇସାରିଛି । ତେବେ ଏନେଇ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘଟଣାକୁ ନେଇ ଦୁଃଖପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି । ସେହିଭଳି ଗୁରୁତରଙ୍କୁ ୫୦ ହଜାର ଟଙ୍କାର ସହାୟତା ଘୋଷଣା ହୋଇଛି । ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟସରକାର ଉଠାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଜବଲପୁର ଏସପି ଅଖିଲେଶ ଗୌର କହିଛନ୍ତି, ଡାକ୍ତରଖାନାରେ ସର୍ଟସର୍କିଟରୁ ଏହି ଅଘଟଣ ଘଟିଛି । ଗ୍ରାଉଣ୍ଡ ଫ୍ଲୋରରୁ ତୃତୀୟ ମହଲାକୁ ଏହା ବ୍ୟାପିଯାଇଥିଲା । ସେଠାରୁ ଅନ୍ୟ ରୋଗୀଙ୍କୁ ତୁରନ୍ତ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।




ସଂସ୍କୃତି ମନ୍ତ୍ରାଳୟ
ଭାରତ ସରକାର

ସ୍ୱାଧୀନତାର ୭୫ ବର୍ଷରେ
ଅମୃତ ମହୋତ୍ସବ ମନାନ୍ତୁ,
ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାନ୍ତୁ

"ଏଇ ବର୍ଷ ଯେବେ ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ, ଆସନ୍ତୁ ସମସ୍ତେ ମିଶି ପ୍ରତ୍ୟେକ ଘରେ ତ୍ରିରଙ୍ଗା ଅଭିଯାନକୁ ସଶକ୍ତ କରିବା । ୧୩ ରୁ ୧୫ ଅଗଷ୍ଟ ମଧ୍ୟରେ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବା କିମ୍ବା ପ୍ରଦର୍ଶିତ କରିବା । ଏହି ଅଭିଯାନ ରାଷ୍ଟ୍ରୀୟ ଧ୍ୱଜା ସହିତ ଆମ ସମ୍ପର୍କକୁ ଆହୁରି ମଜବୁତ କରିବ ।"

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

୧୩ ରୁ ୧୫ ଅଗଷ୍ଟ

ନିଜ ଘରେ ତ୍ରିରଙ୍ଗା ଉଡ଼ାନ୍ତୁ

ଆଜି ହିଁ www.harghartiranga.com ପରିଦର୍ଶନ କରନ୍ତୁ

ନିଜର ତ୍ରିରଙ୍ଗାକୁ ଭାରତର ମାନଚିତ୍ରରେ ଚିହ୍ନିତ କରନ୍ତୁ ।

ତ୍ରିରଙ୍ଗା ସହିତ ନିଜର ସେଲ୍‌ଫି ଅପଲୋଡ଼ କରନ୍ତୁ ଏବଂ ଆପଣଙ୍କ ସାଥୀମାନଙ୍କ ସହିତ ସେୟାର୍ କରନ୍ତୁ ।

ଆଜିହିଁ ନିଜର ସୋସିଆଲ୍ ମିଡ଼ିଆ ପ୍ରୋଫାଇଲ ପିକଚର୍ ତ୍ରିରଙ୍ଗା ସହିତ ଲଗାନ୍ତୁ
ଏବଂ ଏହି ଅଭିଯାନରେ ନିଜର ଭାଗିଦାରୀ ସୁନିଶ୍ଚିତ କରନ୍ତୁ ।

ତ୍ରିରଙ୍ଗା ନିଜର ନିକଟତମ ପୋଷ୍ଟ ଅଫିସ ଏବଂ ଫେୟାର୍ ପ୍ରାଇସ୍ ସପ୍‌ରୁ କିଣି ପାରିବେ ।


ପୋଷ୍ଟମ୍ୟାନ୍ ଦ୍ୱାରା ତ୍ରିରଙ୍ଗାର ଡୋରଷ୍ଟେପ୍ ଡେଲିଭରି ମଧ୍ୟ ଉପଲବ୍ଧ ଅଟେ ।

ଇ କମର୍ସ ପୋର୍ଟାଲ ଦ୍ୱାରା ମଧ୍ୟ ତ୍ରିରଙ୍ଗା ପାଇଁ ଅର୍ଡ଼ର ଦିଆଯାଇ ପାରିବ ।

ଯଦି ଆପଣ ଅଧିକ ସଂଖ୍ୟାରେ ତ୍ରିରଙ୍ଗା କିଣିବାକୁ ଚାହାନ୍ତି ତେବେ ଏଥିପାଇଁ ମଧ୍ୟ ନିକଟତମ ପୋଷ୍ଟ ଅଫିସ୍ କିମ୍ବା GeM ପୋର୍ଟାଲ୍‌ରୁ ଅର୍ଡ଼ର କରିପାରିବେ - http://ccc.cept.gov.in/ServiceRequest/request.aspx

CBC 09101/13/0008/2223

# ମୁହଁ ଖୋଲିଲେ ଉଦ୍ଧବ ଠାକରେ



ନୂଆଦିଲ୍ଲୀ, ୦୧/୦୮ : ଶିବସେନା ନେତା ସଞ୍ଜୟ ରାଉତଙ୍କୁ ଇଡି ଗିରଫ କରିବା ପରେ ମୁହଁ ଖୋଲିଛନ୍ତି ଶିବସେନା ମୁଖ୍ୟ ଉଦ୍ଧବ ଠାକରେ । ବିଜେପିକୁ ଟାର୍ଗେଟ କରିବା ସହ ଉଦ୍ଧବ କହିଛନ୍ତି, ଅତି ନିମ୍ନସ୍ତରର ରାଜନୀତି କରୁଛି ବିଜେପି । ଯିଏ ବିଜେପି ବିପକ୍ଷରେ ସ୍ୱର ଉଠାଉଛି ତାକୁ ଦବାଇଦେବାକୁ ଚେଷ୍ଟା କରାଯାଉଛି । ଏପରିକି ଜେଲ ପଠାଇବାକୁ ମଧ ପଛାଉ ନାହାନ୍ତି । ଲୋକତନ୍ତ୍ର ଉପରେ ବିଜେପିର ଭରସା ନାହିଁ । ଦେଶର ସମ୍ବିଧାନକୁ ଅପବ୍ୟବହାର କରାଯାଉଛି । ଏହାସହ ଉଦ୍ଧବ ଚେତାବନୀ ଦେଇ କହିଛନ୍ତି, ସମୟ ସବୁବେଳେ ବଦଳିଥାଏ । ଯେତେବେଳେ ଆମର ସମୟ ଆସିବ ସେତେବେଳେ ଭାବ କଣ ହେବ ? ସଞ୍ଜୟ ରାଉତ ହେଉଛନ୍ତି ଅସଲି ଶିବସୈନିକ । ସଞ୍ଜୟଙ୍କ ପାଇଁ ମୁଁ ଗର୍ବିତ । ସଞ୍ଜୟ ରାଉତଙ୍କୁ ଜାଣିଶୁଣି ଗିରଫ କରାଯାଇଛି । ଅସଲି ଶିବସୈନିକ ମରିଯିବେ ପଛେ ନଇଁବେ ନାହିଁ । ଯିଏ ଏବେ ମୋ ସହ ଅଛନ୍ତି ସେମାନେ କେବେ ବିଶ୍ୱାସଘାତକତା କରିବେନି । ମରି ଯିବାକୁ ପସନ୍ଦ କରିବୁ ପଛେ କିନ୍ତୁ କାହା ଶରଣକୁ ଯିବିନାହିଁ । କିଛି ଏଭଳି ଢଙ୍ଗରେ ବିଜେପି ଉପରେ ବର୍ଷିଛନ୍ତି ଉଦ୍ଧବ ଠାକରେ ।

# ପୁରୀ ଗୋପ ବ୍ଲକରୁ ବାହାରିବ ପେଟ୍ରୋଲ !



ଭୁବନେଶ୍ୱର,୦୧/୦୮ (ନି.ପ୍ର): ଦୁଇ ବର୍ଷ ତଳେ ଓଡ଼ିଶା ଉପକୂଳବର୍ତ୍ତୀ ଜିଲ୍ଲାରେ ସେସ୍ମିକ୍ ସର୍ଭେ କରିଥିଲା ଅଏଲ ଇଣ୍ଡିଆ । ଏବେ ଆଉ ପାଦେ ଆଗେଇଛି ଏହି ପ୍ରୋଜେକ୍ଟ । ପୁରୀ ଜିଲ୍ଲା ଗୋପ ଅଞ୍ଚଳରେ ଆରମ୍ଭ ହୋଇଛି ଜମି ଲିଜ୍ ନେବା ପ୍ରକ୍ରିୟା ।ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ସେସ୍ମିକ୍ ସର୍ବେକ୍ଷଣ ହୋଇଥିଲା । ଓଡ଼ିଶାର ୫ଟି ବ୍ଲକର ୩ ହଜାର ବର୍ଗ କିଲୋମିଟର ସର୍ଭେ ପରେ ଗୋପ ବ୍ଲକ ଅଞ୍ଚଳର ଦୁଇଟି ସ୍ଥାନରେ ତୈଳ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିଛି । ଏକ୍ସପ୍ଲୋରେଟୋରୀ ଡ୍ରିଲିଂ ବା ଅନ୍ୱେଷଣ ଡ୍ରିଲିଂ ପାଇଁ ଜମି ଚିହ୍ନଟ ହୋଇଛି । ଅଧିକ ଅନ୍ୱେଷଣ ପାଇଁ ଆରମ୍ଭ ହେବ ଡ୍ରିଲିଂ । ଏଥିପାଇଁ ଗୋପ ପଞ୍ଚାୟତର କୁସୁପୁର ମୌଜା ଏବଂ ମହଲପଡ଼ା ପଞ୍ଚାୟତ ଚିତୋରା ▶▶ପୃଷ୍ଠା ୭

# ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କମିଟି ଗଠନ କଲେ ବାଚସ୍ପତି



ଭୁବନେଶ୍ୱର, ୦୧/୦୮ (ନି.ପ୍ର): ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ନେଇ ବାଚସ୍ପତି କମିଟି ଗଠନ କରିଛନ୍ତି। ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଥିବାବେଳେ ଏଥିରେ କଂଗ୍ରେସ ଓ ବିଜେପିର ସଦସ୍ୟ ଅଛନ୍ତି। ଦରମା ଓ ଭତା ବୃଦ୍ଧି ନେଇ କମିଟି ଅନୁଧ୍ୟାନ କରି ରିପୋର୍ଟ ଦେବ। ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ସୁଦାମ ମାରାଣ୍ଡି, ମୋହନ ମାଝୀ, ବିଷ୍ଣୁ ସେଠୀ, ତାରା ପ୍ରସାଦ ବାହିନୀପତି, ସ୍ନେହାଙ୍ଗିନୀ ଛୁରିଆ, ସୀମାରାଣୀ ନାୟକ, ମକରନ୍ଦ ମୁଦୁଲି, ରାଜନ ଏକ୍କା ଏବଂ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ବିଧାୟକ ଓ ବିଧାୟିକା ରହିଛନ୍ତି। ସୂଚନା ମୁତାବକ ଗତ ୩୦ ତାରିଖରେ ବିଧାନସଭାରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଉଠିଥିଲା । ଶୂନ୍ୟକାଳରେ ବିଜେପି, କଂଗ୍ରେସ ଓ ବିଜେଡି ▶▶ପୃଷ୍ଠା ୭

# ୫ ଯାଏଁ ପାଗ ଶୁଖିଲା, ୬ରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୦୧/୦୮ (ନି.ପ୍ର): ରାଜ୍ୟରେ ଆଗାମୀ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଶୁଖିଲା ପାଗ ଜାରି ରହିବ। ଏହି ସମୟ ମଧ୍ୟରେ କିଛି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିଲେ ହେଁ ବଡ ଧରଣର ବର୍ଷା ହେବନାହିଁ। ୫ ତାରିଖ ପରଠାରୁ ପାଗରେ ପରିବର୍ତ୍ତନ ଆସିବ। ୬/୭ ତାରିଖ ଆଡ଼କୁ ଏକ ଛୋଟ ଧରଣର ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ▶▶ପୃଷ୍ଠା ୭

# ଆଉ ୪୬ ଜଣଙ୍କ ବିରୋଧରେ ୧୧୦ ଧାରା ଲଗାଇଲା ପୁରୀ ପୁଲିସ

ପୁରୀ ,୧/୦୮ (ନି.ପ୍ର): ପୁରୀ ସହରକୁ ଅପରାଧମୁକ୍ତ ଅଞ୍ଚଳ ଭାବେ ଗଢ଼ି ତୋଳିବା ପାଇଁ ପୁଲିସ ସହରାଞ୍ଚଳରୁ ଦୁର୍ଦ୍ଦାନ୍ତ ଅପରାଧିମାନଙ୍କୁ ଧରି ସେମାନଙ୍କୁ ୧୧୦ ଦଫାରେ ନୋଟିସ୍ କରିଛି । ପୁରୀରେ ପର୍ଯ୍ୟଟକମାନଙ୍କ ସୁରକ୍ଷା ପାଇଁ ଅପରାଧ ଦମନ ନୀତିକୁ ପୁଲିସ ଗୁରୁତ୍ୱ ଦେଇଛି । ଏହିକ୍ରମରେ ଆଜି ପୁଲିସ ୪୬ ଜଣଙ୍କୁ ଏହି ୧୧୦ ଦଫାରେ ବୁକ୍ କରିଛି । ଇତିମଧ୍ୟରେ ପୁରୀ ପୁଲିସ ପ୍ରାୟ ୧୫୧ ଜଣ ଦୁର୍ଦ୍ଦାନ୍ତ ଅପରାଧିମାନଙ୍କୁ ୧୧୦ ଦଫାରେ ବୁକ୍ କରିସାରିଲାଣି । ଗତ ମାର୍ଚ୍ଚ ମାସ ୨ ତାରିଖରେ ୨୦ ଜଣଙ୍କୁ, ୯ ତାରିଖରେ ୨୦ ଜଣଙ୍କୁ, ୨୮ ତାରିଖରେ ୧୫ ଜଣଙ୍କୁ, ଏପ୍ରିଲ ମାସ ୨୮ ତାରିଖରେ ୧୭ ଜଣ, ମେ ମାସ ୨୯ ତାରିଖ ଦିନ ୧୯ ଜଣ, ଜୁନ୍ ମାସରେ ୧୪ ଜଣ ଓ ଆଜି ୪୬ ଜଣଙ୍କ ନାମରେ ୧୧୦ ଦଫା ଲଗାଯାଇଥିବାନେଇ ପୁଲିସ ଘୋଷଣା କରିଛି । ଏହି ତାଲିକାରେ ତାଳବଣିଆ ଥାନା ଅନ୍ତର୍ଗତ ଚମାରସାହିର ସିଦ୍ଧମହାବୀର ଅଞ୍ଚଳର ରଞ୍ଜନ ବେହେରା, ଦାଦାବାଡ଼ିର ପୁରୁଷୋତ୍ତମ ନଗରର ରଞ୍ଜିତ ବେହେରା, ବାଲିଘାଟ ନୂଆସାହିର ରଞ୍ଜନ ରାଉଳ, ସିଦ୍ଧମହାବୀର ପାଟଣାର ଶଙ୍କର ପ୍ରସାଦ ବେହେରା(୩୨), ପିକେଆରଆଇଟି କଲୋନିରେ ରହୁଥିବା ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱରସାହିର ପ୍ରଭାତ କୁମାର ପଣ୍ଡା, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀସାହି ବାଲିଉପରର ବିଜୁ ମୁରୁଡ଼ି, ତଳମାଳିସାହିର ଆଶିଷ ରଞ୍ଜନ ମହାନ୍ତି, ରଖହରି ସ୍ୱାଇଁ(୩୦), ଅବକାଶ ଲେନ୍‌ରେ ରହୁଥିବା କଣାସ ଥାନା ଅନ୍ତର୍ଗତ ଡିମିରିର ଦୁର୍ଗାପ୍ରସାଦ ପରମଗୁରୁ, ଗୁଣ୍ଡିଚାବାଡ଼ି ଆଇତୋଟା ଅଞ୍ଚଳରେ ରହୁଥିବା କଣାସ ଥାନା ଅନ୍ତର୍ଗତ ନୂଆପଡ଼ାର ଟୁନା ଭୋଇ(୨୭), ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆସାହିର କେଶବ ପୃଷ୍ଟି(୩୨), ଦାମୋଦର ରୋଡ୍ ଚକ୍ରକୋଟଲେନ୍‌ର ସଦାଶିବ ମାନସିଂହ, ବାଲିସାହି ବାରାହୀ ଲେନ୍‌ର ଶିବାଶିଷ ବାରିକ, ଚୁଡ଼ଙ୍ଗସାହି ଖୁଣ୍ଟିଆ ବଗିଚାର ବିବେକ ଭୋଇ, ମାତାଗୋସାଇଁ ଲେନ୍‌ର ରାକେଶ କୁମାର ମହାନ୍ତି, ବଳିଆପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ସାହିର ତପନ ହାଜରା, ଝୁମ୍ପୁଡ଼ିବସ୍ତିର ସୁଶାନ୍ତ ଦେବନାଥ, ଶାନ୍ତି ଗେଷ୍ଟହାଉସର ଶଙ୍କର ଦାସ, ବଳିଆପଣ୍ଡା ବସ୍ତିର ସୁକାନ୍ତ ସାହୁ(୩୮), ରିଫ୍ୟୁଜି କଲୋନିର ଅକ୍ଷୟ ମଲ୍ଲିକ, ବିଜୟ ନଗରର ଟୁଲଟୁଲ ଦେବନାଥ, ଦାମୋଦର ରୋଡ୍‌ର ରଞ୍ଜିତ ସାହୁ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ଝାରକଟାସାହିର ଜେ. ଅଚ୍ୟୁତ, ଅର୍ବାନ ହାଟ୍ ଖଣ୍ଡିସାହିର ଟୁଟୁନା ବେହେରା, ଷ୍ଟେସନ ରୋଡ୍ ଧୋବାସାହିର ବିଦ୍ୟାଧର ପ୍ରଧାନ, ବେହେରା ସାହିର ଗିରିଧାରୀ ବେହେରା (୨୪), ୱାଟରୱାର୍କ୍ସ ରୋଡ୍ ଗୋରାକବର ଲେନ୍‌ର ଟୁନା ମଣ୍ଡଳ(୩୫), ବାସେଳିସାହି ଥାନା ଅନ୍ତର୍ଗତ ଗୋଖାସାହିର ପତିତ ବେହେରା, ବାନିଆ ବେହେରା, ବଣ୍ଟିନା ବେହେରା, ଆନନ୍ତ ବେହେରା, ଅଭି ବେହେରା, କୁନା ବେହେରା, କାୟା ବେହେରା, ଚନ୍ଦନ ମଙ୍ଗରାଜ, ବୁବୁନା ବେହେରା, ଗିନାରିବନ୍ତ ଲେନ୍‌ର ସତ୍ୟନାରାୟଣ ତ୍ରିପାଠୀ, ମିଶ୍ରସାହିର ବିଜୟ କେତନ ଡିଆଁବାଘ, ମଙ୍ଗଳାଘାଟ ମହାବୀର ମନ୍ଦିର ପାଖର ବନମାଳି ବେହେରା, ମାର୍କଣ୍ଡେଶ୍ୱରସାହି ରଥସାହିର ଶିବ ନାଏକର ପତ୍ନୀ ଚଗୁଲି ନାଏକ, ଲୋକନାଥ ରୋଡ୍ ମଣିମହାସୁଆର ଜାଗାର ଲୋକନାଥ ମିଶ୍ର, ମିଶ୍ରସାହି ଅଲେଇ ଗଳିର କୁଳଦୀପ ବାନାର୍ଜୀ, ମାର୍କଣ୍ଡେଶ୍ୱରସାହି ମଙ୍ଗଳାଘାଟ ଲେନ୍‌ର ଗଣେଶ ସାହୁ, ଢିପ ଉପରର ଲୋକନାଥ ହୋତା, ମିଶ୍ରସାହି ନୋଲିଆ ଗଳିର ଦୀପକ ବେହେରା ଓ ମାର୍କଣ୍ଡେଶ୍ୱରସାହି ହରିଜନ ବସ୍ତିର ଶ୍ରୀଧର ନାଏକର ନାମ ରହିଛି । ଏମାନଙ୍କୁ ପୁଲିସ ପକ୍ଷରୁ ୧୧୦ ଦଫାରେ ନୋଟିସ ଦିଆଯିବ । ଏହାପରେ ସେମାନେ ଏହି ନୋଟିସକୁ ଆଧାର କରି କୋର୍ଟରେ ବ୍ୟକ୍ତିଗତ ମୁଚାଲିକାରେ ଆଗାମୀ ଦିନରେ କୌଣସି ଅପରାଧ କିମ୍ବା ବଦମାସୀ କରିବେନାହିଁ ବୋଲି ପ୍ରତିଶ୍ରୁତି ପୂର୍ବକ ଦସ୍ତଖତ ଦେବେ ବୋଲି ସୂଚନା ମିଳିଛି ।

## ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ପରିଷଦ, ପରାମର୍ଶଦାତା ଓ ଅଂଚଳ ସଭାପତିଙ୍କ ବୈଠକ

ନୂଆପଡ଼ା,୧/୦୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ସମାଜ ର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀରାମଚନ୍ଦ୍ର ଙ୍କ ପ୍ରତିକୃତି ରେ ମାଲ୍ୟାର୍ପଣ ପରେ ଗତ ଦିନ ମାନଙ୍କରେ ମୃତ୍ୟୁ ବରଣ କରିଥିବା ଦିବଙ୍ଗତ ଆତ୍ମା ଙ୍କ ସ୍ମୃତି ଚାରଣ ସହ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା । ମୁଖ୍ୟ ସଙ୍ଗଠକ ପରମେଶ୍ୱର ବାରିକ ସମସ୍ତ ଅତିଥି ଙ୍କୁ ମଂଚ ଆସିନ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ମୁଖ୍ୟ ସମ୍ପାଦକ ଦିଲ୍ଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ସମାଜ ର ବିଭିନ୍ନ ବିଷୟ ଉପରେ ଆଲୋଚନା ହେବା ସହ ଆସନ୍ତା ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଖଡ଼ିଆଳ ବ୍ଲକ ସ୍ଥିତ ଡୁମେରବାହାଲ ଅଂଚଳରେ ହେବ ବୋଲି ନିଷ୍ପତି ହୋଇଥିଲା । ଏହି ବୈଠକ ର ସମସ୍ତ ଖର୍ଚ୍ଚ ପୂର୍ବତନ କୁଳପତି ବିଜୟ ପ୍ରତାପ ସିଂ ମହାରଥା ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଯୁବ ଫିସିରି ଅଫିସର ଭବାନୀ ଶଙ୍କର ପଣ୍ଡା ଙ୍କ ନେତୃତ୍ୱରେ ଏକ ଟିମ ସମାଜର ଜନ ଗଣନା କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏ ଅବସରରେ ଭୁତପୂର୍ବ କୁଳପତି ଆସୁକବି ସ୍ୱର୍ଗତ ନୀଳମଣି ରାଉତ ଙ୍କ ସ୍ମୃତି ଉଦେଶ୍ୟ ରେ ତାଙ୍କର ମଧ୍ୟମ ପୁତ୍ର ଧର୍ମବୀର ରାଉତ ଦୁଇଗୋଟି ଲୁହାର ଟେବୁଲ ସହ ଟେବୁଲ କ୍ଲଥ ଓ ତିନିଗୋଟି ଫୁଲ କୁଣ୍ଡ ଅନୁଦାନ କରିଥିଲେ । ବୈଠକରେ ବରିଷ୍ଠ ପରାମର୍ଶଦାତା ଜିତେନ୍ଦ୍ର ସିଂହ ବାରିକ, ନନ୍ଦାଲାଲ ବାରିକ, ମହେଶ୍ୱର ପ୍ରସାଦ ବାରିକ, କେତନ ସିଂ ବାରିକ, ଅଶ୍ୱନୀ ପ୍ରଧାନୀ, ଦେବ ସିଂ ନାଏକ, ବିଜୟ ପ୍ରତାପ ସିଂ ମହାରଥା, ଖରତ ଚନ୍ଦ୍ର ବାରିକ, ବିଜୟ ସିଂ ରାଉତ ରାୟ, ବଳଦେବ ରାଉତ, ପ୍ରମୋଦ କୁମାର ଦଣ୍ଡସେନା, ଭୁରିଶ୍ରବା ବିଶି, ଶ୍ରୀହରୀ ପଣ୍ଡା, ପୂର୍ବତନ ସମ୍ପାଦକ ବୃନ୍ଦାବନ ବାରିକ, ବରିଷ୍ଠ ସମାଜସେବୀ ଯୁଗେଶ୍ୱର ରାଉତରାୟ , ଯୁଗ୍ମ ସମ୍ପାଦକ ଘୁମେଶ କୁମାର ଚଳାନ, କୋଷାଧ୍ୟକ୍ଷ ଶ୍ରୀବସ୍ତ୍ର ବାରିକ, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, ଙ୍କ ସମେତ ୨୯ ଗୋଟି ଅଂଚଳ ର ଅଂଚଳ ସଭାପତି ଯୋଗଦାନ କରିଥିଲେ ।

## ଶିଳାନ୍ୟାସକୁ ୭ ବର୍ଷ ବିତିଲା : ଅଧାରେ ଅଟକିଛି ଚାନ୍ଦବାଲି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ




ଚାନ୍ଦବାଲି,୧/୦୮ (ନି.ପ୍ର): ବ୍ୟବସାୟିକ ପେଣ୍ଠସ୍ଥଳୀ ଚାନ୍ଦବାଲିରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ କାହାରି ଆଗ୍ରହ ନାହିଁ । ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ସହରକୁ ପ୍ରତିଦିନ ଆସୁଥିବା ଶହ ଶହ ଗାଡି ମୋଟର ଏଣେତେଣେ ପାର୍କିଂ କରୁଥିବାରୁ ଦିନ୍କୁ ଦିନ ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି । ଚାନ୍ଦବାଲିର ମୁଖ୍ୟ ରାସ୍ତାରେ ଗାଡ଼ିଗୁଡ଼ିକ ଛିଡା ହୋଇ ରହିବା ଯୋଗୁ ସମସ୍ୟା ସୃଷ୍ଟି କରୁଛି । ବଜାର ମଧ୍ୟଭାଗରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚାନ୍ଦବାଲିରେ ଏକ ସ୍ଥାୟୀ ବସଷ୍ଟାଣ୍ଡର ଆବଶ୍ୟକତା ଥିବାବେଳେ ଏଥିପ୍ରତି ପ୍ରଶାସନିକ ଅଧିକାରୀ କି ଜନପ୍ରତିନିଧି କେହି ଦୃଷ୍ଟି ଦେଉନାହାନ୍ତି । ଗତ ୨୦୧୫ ମସିହାରୁ ଚାନ୍ଦବାଲିରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶୁଭ ଦିଆଯାଇ କାମ ଚାଲୁ ରହିଥିବା ବେଳେ ଏହି କାମ କିନ୍ତୁ ମନ୍ଥର ଗତିରେ ଚାଲୁଥିବାରୁ ଏହା କେବେ ପୂର୍ଣ୍ଣାଙ୍ଗ ହେବ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅସ୍ଥାୟୀ ଭାବେ ଯେଉଁ ପୁରୁଣା ବସଷ୍ଟାଣ୍ଡଟି ଥିଲା ତାର ସୌନ୍ଦର୍ଯ୍ୟକରଣ ନାଁରେ ଭାଙ୍ଗି ଦିଆଯିବା ପରେ ଯାତ୍ରୀବାହୀ ବସଗୁଡିକ ରାସ୍ତା ଉପରେ ଛିଡା ହୋଇ ରହୁଛନ୍ତି । ଚାନ୍ଦବାଲିରୁ ପ୍ରତିଦିନ କୋଲକାତା, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ ଓ ରାଉରକେଲା ଆଦି ଦୂର ସ୍ଥାନକୁ ଅନେକ ବସ ଯାତାୟତ କରୁଛି । ହେଲେ ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ବସଗୁଡିକ ଏଣେତେଣେ ରହୁଥିବାରୁ ଯାତ୍ରୀମାନେ ନାନା ହଇରାଣ ହେଉଛନ୍ତି । ନିର୍ମାଣ ହେଉଥିବା ବସଷ୍ଟାଣ୍ଡର ଭିତ୍ତିଭୂମି ପାଇଁ ୨ଟି ପର୍ଯ୍ୟାୟରେ ଅର୍ଥ ମଂଜୁର ହୋଇଥିଲେ ବି ନିର୍ମାଣରେ ସେତେଟା ଅଗ୍ରଗତି ହୋଇନାହିଁ । ଶିଳାନ୍ୟାସର ୭ ବର୍ଷ ପରେ ବି ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ । ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଭାଗିରଥୀ ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଏହା ପୁରୁଣା କାମ । ବିଡିଓଙ୍କ ଠାରେ ଏହାର ସମସ୍ତ ତଥ୍ୟ ରହିଛି ।

## କତା କାରିଗର ପ୍ରଶିକ୍ଷଣ କେନ୍ଦ୍ର : ସବୁ ସୁବିଧା ଥାଇ ସିଟ୍ ଖାଲି



ଭୁବନେଶ୍ୱର ,୧/୦୮ (ନି.ପ୍ର): ରାଜଧାନୀରେ ଥିବା କତା କାରିଗର ପ୍ରଶିକ୍ଷଣ କେନ୍ଦ୍ରରେ ଖାଲି ପଡ଼ିଛି ସିଟ୍ । ଏଠାରେ ୩ ହଜାର ଟଙ୍କାର ବୃତ୍ତି ସହିତ ରହିବା-ଖାଇବା ସୁବିଧା ରହିଛି । ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ତଥା ଆତ୍ମନିର୍ଭର ପାଇଁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଉଛି । ତଥାପି ଏହି ବୃତ୍ତି କାହିଁକି କାରିଗରଙ୍କୁ ଆକର୍ଷିତ କରିପାରୁନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜାଗମରାସ୍ଥିତ କତାବୋର୍ଡ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ଦେଶବନ୍ଧୁ ଦାଶଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ୧୩ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ୫୧ ହଜାର ହେକ୍ଟରରେ ନଡ଼ିଆ ଚାଷ ହୁଏ । ନଡ଼ିଆରୁ ବାହାରୁଥିବା କତା ପାରୁରୁ ରଶି, ଦଉଡ଼ି, ପା'ପୋଛ, ଘରେ ସଜାଇବା ପାଇଁ ହସ୍ତଶିଳ୍ପ ସାମଗ୍ରୀ, କତା ଭୂବସ୍ତ୍ର, କତା ଗୁଣ୍ଡରୁ ଜୈବିକ ଖତ ସାର ପ୍ରସ୍ତୁତ ହୋଇଥାଏ । ଉପକୂଳବର୍ତ୍ତୀ ଏହି ଜିଲ୍ଲାମାନଙ୍କରେ ପ୍ରତି ଘରେ ଏଭଳି କାରିଗର ଅଛନ୍ତି । ଏହାକୁ ଦୃଷ୍ଟିରେ ରଖି କତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ ପାଇଁ ଆଗ୍ରହ ରଖିଥିବା କାରିଗରଙ୍କ ପାଇଁ ୨୦ ସିଟ୍ ବିଶିଷ୍ଟ ସାର୍ଟିଫିକେଟ, ୪୦ ସିଟ୍ ବିଶିଷ୍ଟ ଡିପ୍ଲୋମା ପାଠ୍ୟକ୍ରମ ବ୍ୟବସ୍ଥା ରହିଛି । ଏଥିପାଇଁ ୩ ଜଣ ଫାକଲ୍‌ଟି ଏବଂ ୨ ଜଣ ସହଯୋଗୀ ମଧ୍ୟ ରହିଛନ୍ତି । କେନ୍ଦ୍ର ସରକାରଙ୍କ କତାବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦକ୍ଷିଣ ଭାରତ କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପରେ କେବଳ ଓଡ଼ିଶାରେ ରହିଛି । ତେଣୁ ଓଡ଼ିଶା ସମେତ ଉତ୍ତର ଏବଂ ପୂର୍ବଭାରତର ଅନେକ କାରିଗର ଏହାର ଲାଭ ଉଠାଇପାରିବେ । ଡିପ୍ଲୋମା ପାଇଁ ଅନ୍ୟୁନ ଯୁକ୍ତ ଦୁଇ ଏବଂ ସାର୍ଟିଫିକେଟ ପାଠ୍ୟକ୍ରମ ପାଇଁ ଯୁକ୍ତ ଦୁଇରୁ କମ ପଢ଼ିଥିବା ୧୮ରୁ ୫୦ ବର୍ଷ ବୟସ୍କ କାରିଗର ଆବେଦନ କରିପାରିବେ । ମାତ୍ର ଉଭୟ ପାଠ୍ୟକ୍ରମରେ ଚଳିତ ବର୍ଷ କେବଳ ୧୬-୧୬ ପିଲା ନାମ ଲେଖାଇଛନ୍ତି । ସେଥିରୁ ମଧ୍ୟ ଅଧିକାଂଶ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରର ରହିଛନ୍ତି । ଜାନୁଆରି ୧ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଦିଆଯାଉଥିବା ପାଠ୍ୟକ୍ରମ ବ୍ୟବସ୍ଥାରେ ପ୍ରଶିକ୍ଷଣ ପରେ ଏକ ମାସର ଇଣ୍ଟର୍ଣ୍ଣସିପ କରିପାରିବେ । ଡିଆଇସି ଏବଂ ଅନଲାଇନ ମାଧ୍ୟମରେ ନାମଲେଖା ସମ୍ପର୍କରେ କାରିଗରମାନଙ୍କୁ ସୂଚନା ଦିଆଯାଏ । ମାତ୍ର କାହିଁକି ସର୍ବଭାରତୀୟସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ରରେ ଆବଶ୍ୟକ ପିଲା ହେଉ ନାହାନ୍ତି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଗଞ୍ଜାମ ଜିଲ୍ଲାର ଗୋଲାବନ୍ଧା, ଜଗତସିଂହପୁର ଜିଲ୍ଲାର ବାଲିକୁଦା, ବାଲେଶ୍ୱର ଜିଲ୍ଲାର ଭୋଗରାଇରେ କତା କାରିଗରଙ୍କ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ରହିଛି ।

## ସମସ୍ୟା ଘେରରେ ସରକାରୀ ମହିଳା ମହାବିଦ୍ୟାଳୟ

ବଲାଙ୍ଗିର,୧/୦୮ (ନି.ପ୍ର): ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଛଟେଇ ହୋଇଥିବା ସମସ୍ତ କର୍ମଚାରୀ ସଂଗଠନ ର କର୍ମଚାରୀ ଏବଂ ସମର୍ଥନ କରିଥିବା ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତି ବିଶେଷଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଗତ କାଲି ଜିଲ୍ଲା ପ୍ରଶାସନ, କଲେଜ କର୍ତ୍ତୃପକ୍ଷ, ଶ୍ରମ ବିଭାଗ ଅଧିକାରୀମାନେ ଏବଂ ଆନ୍ଦୋଳନ ରତ କର୍ମଚାରୀଙ୍କ ପ୍ରତିନିଧିଙ୍କ ମିଳିତ ବୈଠକରେ ହୋଇଥିବା ନିଷ୍ପତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପ୍ରକାଶ ଥାଉକି ଗତ କାଲି ୩୦.୦୭.୨୦୨୨ ସନ୍ଧ୍ୟା ସମୟରେ ମିଳିତ ବୈଠକରେ ସଂଗଠନର ବସମସ୍ତ ଦାବୀ କର୍ତ୍ତୃପକ୍ଷ ମାନି ନେଇ ଲିଖିତ ଆକାରରେ ଜଣାଇଥିବାରୁ ଆନ୍ଦୋଳନକୁ ବର୍ତମାନ ପାଇଁ ସ୍ଥଗିତ କରାଗଲା । ସମସ୍ତ କର୍ମଚାରୀଙ୍କ ଦରମା ବୃଦ୍ଧି ସହ ପୂନଃ ନିଯୁକ୍ତି ଓ ତୁରନ୍ତ ହଷ୍ଟେଲ ଖୋଲିବାକୁ ନିଷ୍ପତି ନେଇ ଥିବାରୁ କଲେଜ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗର ଅଧିକାରୀ, ଆଦର୍ଶ ଥାନା ଅଧିକାରୀ ବଲାଙ୍ଗିରଙ୍କ ଉପସ୍ଥିତିରେ ବିଳମ୍ବ ହେଲେ ମଧ୍ୟ ଦାବୀକୁ ଯଥାର୍ଥ ଜଣାଇ ଗ୍ରହଣ କରିଥିବାରୁ ସଂଗଠନ ତରଫରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଛି ।

## ଡିଜିସିଏ ଟିମ୍ ଚିହ୍ନଟ କରିଥିବା ୬୫ ସମସ୍ୟା ସମାଧାନ ନିର୍ଦ୍ଦେଶ




ଜୟପୁର,୧/୦୮ (ନି.ପ୍ର): ଗତ ୨୧ ଓ ୨୨ତାରିଖ ଦିନ ଡିଜିସିଏ (ଡାଇରେକ୍ଟରଟ୍ ଅଫ୍ ସିଭିଲ୍ ଏଭିଏସନ୍ ) ପକ୍ଷରୁ ଜୟପୁର ବିମାନ ବନ୍ଦରରୁ ବିମାନ ଉଡିବା ଲାଇସେନସ୍ ଦେବା ପୂର୍ବରୁ ୬୫ଟି ସମସ୍ୟା ଚିହ୍ନଟ କରିଥିଲେ । ଏହି ୬୫ଟିର କାମ ଏବେ ଯୁଦ୍ଧକାଳୀନ ଭିତ୍ତିରେ ବିମାନ ବନ୍ଦରରେ ଚାଲିଛି । ଏହାର ତଦାରଖ ଜିଲ୍ଲାପାଳ ଆବ୍ଦଲ ମହମ୍ମଦ ଆଖତର କରିଥିଲେ । ସେ ରନୱେ, ଟର୍ମିନାଲ ଟାୱାର ଆଦି ବୁଲି ଦେଖିବା ସହ କାମ ଗୁଡିକର ସମୀକ୍ଷା କରିଥିଲେ । ଡିଜିସିଏ୍ ଟିମ୍ ଚିହ୍ନଟ କରିଥିବା ଏହି କାମଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ସହ ତୁରନ୍ତ ଡିଜିସିଏ୍ ନିକଟରେ କାମ ସାରିଥିବା ରିପୋର୍ଟ ଦାଖଲ କରିବାକୁ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବି କାଟେଗରୀର ଲାଇସେନ୍ ପାଇଁ ଡିଜିସିଏ ନିକଟରେ ଆବେଦନ ସରିବା ସହ ଏଠାରୁ ବିମାନ ଚଳାଇବା ପାଇଁ ୱାନ୍ ଇଣ୍ଡିଆ ଏୟାର ବିଡ୍ ପାଇବା ସହ ବିମାନ ବି ଆଣି ସାରିଛି । ଜୁନ ପ୍ରଥମ ସପ୍ତାହରେ ବିମାନ ଏଠାରୁ ଚଳାଚଳ କରିବ ବୋଲି କେନ୍ଦ୍ର ବେସାମରିକ ବିଭାଗର ଯୁଗ୍ମ ସଚିବ ତଥା ଜିଲ୍ଲାର କେନ୍ଦ୍ର ଅକ୍ଷାଂକା ଅଧିକାରୀ ଉଷା ପାଢ଼ୀ ଏକ ପ୍ରକାରର ଘୋଷଣା କରିଥିଲେ । ତେବେ ଦିନକୁ ଦିନ ଏହାର ପଦ୍ଧ ଘୁଞ୍ଚିଂ ଘୁଞ୍ଚିଂ ଯାଉଥିବା ବେଳେ କେବେ ଏଠାରୁ ଉଡ଼ାନ ଯୋଜନାର ବିମାନ ଉଡିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଜିଲ୍ଲାପାଳଙ୍କ ତଦାରଖ ସମୟରେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.ଭାସ୍କର ଚନ୍ଦ୍ର ସାମନ୍ତରାୟ, ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ, ତହସିଲଦାର ଟୁଲିଆମ୍ପା ପ୍ରଧାନ, ଅତିରିକ୍ତ ତହସିଲଦାର ଅର୍ଣ୍ଣିନୀ କୁମାର ମହାପାତ୍ର, ଇଲୋକ୍ଟ୍ରିକାଲ ସହକାରୀ ନିର୍ବାହୀ ଯନ୍ତ୍ରୀ ନିରାକର ରାଉତ, ଟର୍ମିନାଲ ପ୍ରବନ୍ଧକ ଉପେନ୍ଦ୍ର କୁମାର ମିଶ୍ର, ନିରାପତ୍ତା ପ୍ରବନ୍ଧକ ସୀମାଂଚଳ ସାହୁ, ଆରଆଇ ବିମଳ କୁମାର ଦୁଖୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଜିଲ୍ଲା ଜଜ୍ ଓ ପକ୍ସୋ କୋର୍ଟର ଜଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର,୧/୦୮ (ନି.ପ୍ର): ଜୟପୁର ସ୍ଥିତ ଜିଲା ଓକିଲ ସଂଘ ତରଫରୁ ଜିଲା ଜଜ ସତ୍ୟ ନାରାୟଣ ମିଶ୍ର ଓ ପକ୍ସୋ କୋର୍ଟ ଜଜ ସିଏଚ ବାସୁଦେବ ପାତ୍ରଙ୍କୁ ସ୍ୱାଗତ ସମ୍ବର୍ଧନା ଦିଆଯାଇଛି । ଏହା ସହ ହାଇକୋର୍ଟର ପ୍ରତିଷ୍ଠା ଦିବସରେ ଜିଲା ବାର ସଦସ୍ୟ ଆଇନଜୀବି ଅଶୋକ ମିଶ୍ର ଙ୍କୁ ପ୍ରୋମିସିଂ ଲୋୟର ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏନେଇ ଆଜି ଓକିଲ ସଂଘ ତରଫରୁ ସମ୍ବଦ୍ଧନା ଦିଆଯାଇଛି । ଏହି କାଯ୍ୟକ୍ରମରେ ସଂଘ ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରାସବ ବହୁ ଆଇନଜୀବି ଉପସ୍ଥିତ ଥିଲେ ।

## ବଲାଙ୍ଗିର ଜିଲ୍ଲା ମଧୁବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ପୁର୍ନଗଠନ

ବଲାଙ୍ଗିର,୧/୦୮ (ନି.ପ୍ର): ସ୍ଥାନୀୟ ଗଣେଶ ମନ୍ଦିର ଠାରେ ନିଖିଳ ଉତ୍କଳ ମଧୁବୈଶ୍ୟ / ଗୁଡିଆ ସମାଜ, ବଲାଙ୍ଗିର ଜିଲ୍ଲା ଶାଖାର ଏକ ସାଧାରଣ ବୈଠକ ରାଜ୍ୟ ଉପସଭାପତି ତ୍ରିନାଥ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା କମିଟି ସର୍ବ ସମ୍ମତିକ୍ରମେ ପୁର୍ନଗଠନ କରାଯାଇ ରାଜ୍ୟ ସଭାପତିଙ୍କ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି । ଏଥିରେ ଜିଲ୍ଲା ସଭାପତି ତ୍ରିନାଥ ସରାଫ, ଉପ-ସଭାପତି ଦେବଦତ ସରାଫ, ଛେଲିଆ ସାହୁ, ଆଶିଷ କୁମାର ସାହୁ, ଗୋବର୍ଦ୍ଧନ ସାହୁ, ଜିଲ୍ଲା ସାଧାରଣ ସଂପାଦକ ଜୟକୃଷ୍ଣ ସାହୁ, ସହ-ସଂପାଦକ ଦିବ୍ୟସିଂ ସାହୁ ଓ ଭଗବାନ ସରାଫ, କାର୍ଯ୍ୟକାରୀ ସଭାପତି ରୂପେ ପ୍ରକାଶ ଚନ୍ଦ୍ର ଚୋପଦାର, ନରେନ୍ଦ୍ର କୁମାର ସାହୁ (ଗୁଣ୍ଡା) ତଥା ପ୍ରତ୍ୟେକ ବ୍ଲକ ରୁ ସଦସ୍ୟଙ୍କ ନାମ ମନୋନୟନ କରାଯାଇଥିଲା ।

## ବଲାଙ୍ଗିର ସମ୍ବଲପୁର ରେଳ ଡିଭିଜନର ରେଳ ଉପଭୋକ୍ତା ସଂଘର ବୈଠକ

ବଲାଙ୍ଗିର,୧/୦୮ (ନି.ପ୍ର): ସ୍ଥାନୀୟ ମାଲପଡା ସ୍ଥିତ ବଲାଙ୍ଗିର ରେଳ ଉପଭୋକ୍ତା ସଂଘର କାର୍ଯ୍ୟାଳୟ ଠାରେ ସମ୍ବଲପୁର ରେଳ ମଣ୍ଡଳ ଅଧିନସ୍ଥ ବିଭିନ୍ନ ଜିଲାର ରେଳ ଉପଭୋକ୍ତା ସଂଘର ସଭାପତି ଓ ସଂପାଦକମାନଙ୍କୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ କିପରି ଶିଘ୍ର ହୋଇପାରିବ, ପୁରୀ-ସମ୍ବଲପରୁ ଇଂଟରସିଟି କୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ, ହୀରାକୁଦ-ବିଶାଖାପାଟଣା ଏକ୍ସପ୍ରେସକୁ ୩ଦିନ ବଲାଙ୍ଗିର ଦେଇ ଦିଲ୍ଲୀ ଯିବା ଆସିବା କରିବା, ଜମ୍ମୁ-ତାଓ୍ୱି ଏକ୍ସପ୍ରେସକୁ ବଲାଙ୍ଗିର ଦେଇ ଚଳାଚଳ କରିବା, ବଲାଙ୍ଗିର ରେଳ ଷ୍ଟେସନ ଠାରେ ଏକ ୱାସିଙ୍ଗ ସେଂଟର ସ୍ଥାପନ କରିବା ଆଦି ଦାବି ସହ ବିଭିନ୍ନ ବିଷୟରେ ଆଲୋଚନ ହୋଇଥିଲା । ରେଳ ବିଭାଗ ପକ୍ଷରୁ ପଶ୍ଚିମ ଓଡିଶାକୁ ସବୁ କ୍ଷେତ୍ରରେ ଅବହେଳା କରାଯାଉଛି ବୋଲି ଉପସ୍ଥିତ ସମସ୍ତ ଜିଲାର ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ତେଣୁ ପଶ୍ଚିମ ଓଡିଶାର ସମସ୍ତ ଜିଲ୍ଲାମାନଙ୍କୁ ନେଇ ଏକ ଜଏଂଟ କୋଡିନେସନ କମିଟି ଗଠନ କରାଯିବାକୁ ବୈଠକରେ ପ୍ରସ୍ତାବ ପାରିତ କରାଯାଇଥିଲା । ପରେ ଏହି ସମସ୍ତ ଦାବି ଗୁଡିକ ଉପସ୍ଥାପନ କରିବା ପାଇଁ ଉପସ୍ଥିତ ସମସ୍ତ ଜିଲାକୁ ନେଇ ଏକ କୋଡିନେସନ କମିଟି ଗଠନ କରାଯାଇଥିଲା । ତା'ର ନାଁ ପଶ୍ଚିମ ଓଡିଶା ରେଳ ଉପଭୋକ୍ତା ସଂଘ ସମ୍ମନ୍ୱୟ ସମିତି ନାମରେ ନାମିତ କରାଯିବ ସହ ସର୍ବସମ୍ମତି କ୍ରମେ ବଲାଙ୍ଗିର ଜିଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କୁ ଏହି କମିଟିର କନ୍‌ଭେନର ଭାବେ ମନୋନିତ ଯାଇଥିଲା । ଜଏଂଟ କନଭେନର ଭାବେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଂପାଦକ ନାରାୟଣ ପାଢୀ ଓ ବରଗଡ ରେଳ ଉପଭୋକ୍ତ ସଂଘର କୃଷ୍ଣଚନ୍ଦ୍ର ପଣ୍ଡା, ଏବଂ କମଳ ଯୋଶୀ(ବରଗଡ)ଙ୍କୁ କଷୋଧକ୍ଷ୍ୟ ଭାବେ ମନୋନିତ କରାଯାଇଥିଲା । ସଦସ୍ୟ ଭାବେ ଗୋରଖନାଥ ସାହୁ(ସୋନପୁର), ବରଗଡ ଜିଲାରୁ କିଶୋର କୁମାର ରଥ ଓ ବୌଦ୍ଧ ଜିଲାରୁ ଦେବାଶିଷ ପୁରୋହିତ, ବଲାଙ୍ଗିର ଜିଲାରୁ ଅଶୋକ କୁମାର ମିଶ୍ର, ପ୍ରଭାକର ମିଶ୍ର, ଦିବାକାର ହୋତା ଓ ରୁତୁରାଜ ସିଂହଙ୍କୁ ମନୋନିତ କରାଯାଇଥିଲା । ଆଗାମୀ ଦିନରେ ଏହି କମିଟିକୁ ବ୍ୟାପକ କରାଯିବା ସହ ସମସ୍ତ ଜିଲାରୁ ଯେପରି ପ୍ରତିନିଧିତ୍ୱ କରିବେ ସେ ନେଇ ଚେଷ୍ଟା କରାଯିବ ଏବଂ ପଶ୍ଚିମ ଓଡିଶାର ସମସ୍ତ ଜିଲା ପ୍ରତିନିଧିତ୍ୱ କଲେ ଏକ ନୂଆଁ କମିଟ ଗଠନ କରି ସଭାପତି ଓ ସଂପାଦକ ଚୟନ କରାଯିବ । ପୂର୍ଣ୍ଣାଙ୍ଗ କମିଟି ଗଠନ ନହେବା ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ କରିବ ବୋଲି ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ଏହି କମିଟି ଆଗାମୀ ଦିନରେ ଜି.ଏମ୍ ଭୂବନେଶ୍ୱର, ରେଳମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ପଶ୍ଚିମ ଓଡିଶାରେ ଥିବା ରେଳ ଷ୍ଟେସନମାନଙ୍କର ଉନ୍ନତି କରଣ, ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନର ବଲାଙ୍ଗିର ପଟରୁ ଚାଲିଥିବା କାମ ଶିଘ୍ର ତ୍ୱରାନ୍ୱିତ କରିବା, ନୂତନ ରେଳ ଲାଇନ ଗୁଡିକର ଶିଘ୍ର ସର୍ଭେକାମ ସାରି ରେଳ ଲାଇନ ପକାଇବା, ରେଳ ଉପଭୋକ୍ତ ମାନଙ୍କ ମୌଳିକ ସୁବିଧା ସୁଯୋଗ କରିବା ଆଦି ଦାବି ଗୁଡିକୁ ଉପସ୍ଥାପନ କରିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା ।

## ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ ,୧/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିନସ୍ଥ ଫୁଲବାଣୀ ବନ ବିଭାଗ ରେଞ୍ଜ ପକ୍ଷରୁ ରବିବାର ବୃଦ୍ଧାଶ୍ରମ ରାସ୍ତା ରେ ବିଭିନ୍ନ କିସମ ର ବୃକ୍ଷ ରୋପଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ବରିଷ୍ଠ ସାମ୍ବାଦିକ ଫିଲି ମୋହୋନ ନାୟକ, ସୁବାସ ପ୍ରଧାନ, ଅଜିତ ମହାରଣା, ସନ୍ତୋଷ ଦିଗଲ, ପ୍ରେସକ୍ଲବର ସମ୍ପାଦକ ପ୍ରଶାନ୍ତ ବେହେରା, ଉପସଭାପତି ସତ୍ୟ ନାରାୟଣ ବେହେରା, ସୁ ନିଲବିଶ୍ୱାଳ, ସହସଂପାଦକ ରମେଶ ପ୍ରଧାନ, ସୂର୍ଯ୍ୟ ବେହେରା, ଆଦିତ୍ୟ ତ୍ରିପାଠି, ଭି ଭି ଶଙ୍କର, ବିମଳ ବେହେରା, ବୈଦ୍ୟ ବେହେରା, ବୈଦ୍ୟ ନାୟକ, ଶିବ ନାୟକ, ରାଧା ମୋହନ ମହାପାତ୍ର, ଅଶୋକ ମହାନ୍ତି, ନାରାୟଣ ସାହୁ, ବିଜୟ ମହାନ୍ତି,ଶିବାନନ୍ଦ ପଟନାୟକ, ଜୟ ସେନ ପରିଡ଼ା, ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ନେଇ ସଚେତନ କରିଥିଲେ ସେହିପରିବନ ବିଭାଗ କର୍ମଚାରୀ ପ୍ରେମାନନ୍ଦ ସାହୁ ଯୋଗ ଦେଇ ଜଙ୍ଗଲ ରେ ନିଆଁ ନଲଗାଇବା ବନ୍ୟ ଜନ୍ତୁ ର ସୁରକ୍ଷା କରିବାନେଇ ସଚେତନ କରିଥିଲେ । ଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛିକିଛି ଗଛ ଲଗାଇବା ସହ ତାକୁ ବଂଚାଇରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣ ରୁ ରକ୍ଷା ପାଇବେ ବୋଲି ମଧ୍ୟ କହିଥିଲେ । ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରିରହିବ ବୋଲି ସଭାପତି ସୁନୀଲ ପଟନାୟକ କହିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୦୨, ୨୦୨୦

# ତ୍ୱଚାର ଯତ୍ନ ନେବେ କିପରି ?

**ବର୍ଷା ଋତୁରେ ତ୍ୱଚାର ଅଧିକ ଯତ୍ନ ନେବା ଉଚିତ । କାରଣ ସଂକ୍ରମଣ ଭୟ ମଧ୍ୟ ରହିଛି । ତ୍ୱଚା ଅନୁସାରେ ଆପଣ ନିଜର ଯତ୍ନ ନେଇପାରିବେ । ଯେପରି ସାମାନ୍ୟ ତ୍ୱଚା ହୋଇଥିଲେ-**

■ କଦଳୀରେ ମହୁକୁ ଭଲଭାବେ ମିଶାଇ ତାହାକୁ ପ୍ୟାକ ଭଳି ତ୍ୱଚାରେ ଲଗାନ୍ତୁ । ଏଇ ପ୍ୟାକକୁ ହାତ ଗୋଡ଼ ପାଦରେ ମଧ୍ୟ ଲଗାଇପାରିବେ । ୧୫-୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ତ୍ୱଚା ଧୋଇନେବେ ।

■ ବାଦାମ, ଅଖରୋଟ ଓ ପେସ୍ତାବାଦାମକୁ ସମ ପରିମାଣରେ ଗୁଣ୍ଡ କରି ଖିରରେ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇ ଶୁଖିବା ପରେ ଧୋଇନିଅନ୍ତୁ । ଏହା ଏକ ଉତ୍ତମ ସ୍କ୍ରବ୍ ଭଳି କାମ କରିବା ସହ ରଙ୍ଗ ସଫା ମଧ୍ୟ କରିଥାଏ ।

■ ଅମୃତଭଣ୍ଡା ଓ ଚନ୍ଦନ ପାଉଡରକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ତାହାକୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇବେ । ଏହା ତ୍ୱଚାରୁ ମୃତ କୋଷିକା ବାହାର କରିବା ସହ କୋମଳ କରେ ।

■ ତୈଳୀୟ ତ୍ୱଚା ହୋଇଥିଲେ, ଭିନ୍ନ ଭାବେ ଯତ୍ନ ନିଅନ୍ତୁ । ଘରୋଇ ଭାବେ ପ୍ୟାକ୍ ପ୍ରସ୍ତୁତ କରି ତାହାକୁ ପୂରା ଶରୀରରେ ଲଗାଇ ପାରିବେ । ପେସ୍ତାବାଦାମକୁ ରାତିରୁ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ତାହାକୁ ବାଟି ସେଥିରେ ଅଳ୍ପ କଞ୍ଚା ଖିର ମିଶାଇ ପ୍ୟାକ୍ ଭଳି ଲଗାନ୍ତୁ । ୨୦ମିନିଟ୍ ପରେ ତ୍ୱଚାକୁ ଧୋଇନେବେ । ନିୟମିତ ଏଇ ପ୍ୟାକ୍ ଲଗାଇଲେ ତ୍ୱଚାରେ ଏକ ଚମକ ଆସିଥାଏ ।

■ କାଜୁକୁ ଭଲଭାବେ ଗୁଣ୍ଡ କରି ସେଥିରେ କମଳା ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ଦୈନିକ ଏଇ ପ୍ୟାକ୍ ଲଗାଇବା ଦ୍ୱାରା ରଙ୍ଗ ସଫା ହେବା ସହ ବ୍ରଣ ହୋଇନଥାଏ । ଶୁଷ୍କ ତ୍ୱଚାର ଯତ୍ନ ନ ନେଲେ ତ୍ୱଚାର ଚମକ ଶୀଘ୍ର ଦୂର ହୋଇଯାଏ । ଏଣୁ ନିୟମିତ ଭାବେ ଏଇ ଉପାୟ ମଧ୍ୟ ଅବଲମ୍ବନ କରନ୍ତୁ ।



■ ଟମାଟୋ ଓ ମହୁକୁ ସମ ପରିମାଣରେ ନେଇ ମୁହଁ, ବେକରେ ଲଗାଇ ୧୫ମିନିଟ ପରେ ଧୋଇନିଅନ୍ତୁ । ଏହାଦ୍ୱାରା ମୃତ କୋଷିକା ଦୂର ହେବା ସହ ରଙ୍ଗ ସଫା ହୋଇଥାଏ ।

■ କଦଳୀକୁ ଭଲଭାବେ ଚକଟି ସେଥିରେ ନଖ ଉଷୁମ ଖିର ମିଶାଇ ତ୍ୱଚା ଓ ପୂରା ଶରୀରରେ ଲଗାଇପାରିବେ । ୩୦ମିନିଟ୍ ତ୍ୱଚା ନିମନ୍ତେ ଏକ ଉତ୍ତମ ପ୍ୟାକ୍ ।






# ଗୃହିଣୀଙ୍କ ନିମନ୍ତେ ଟିପ୍ସ

ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-

○ ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।

○ ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ ୧ ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୂର୍ତ୍ତି ଲାଗିବ ।

○ ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ



ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।

○ ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।

○ ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।

○ ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

# ଓଜନ କମ୍ କରିବାର ଉପାୟ

**ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର:-**



ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।

ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ ।

ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ । ଭୃର୍ସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ ।

ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।

# ବଲ୍ ପଛରେ କୁକୁର ଯାଏ କାହିଁକି ?



ପୋଷା କୁକୁର ସହିତ ବଲ ଖେଳିବା ବେଳେ ସେ ପ୍ରାୟତଃ ଖୁବ୍ ଉତ୍ସାହରେ ବଲ ପଛରେ ଧାଇଁଥାଏ ଏବଂ ଏହାକୁ ପାଟିରେ ଧରି ଆଣି ମାଲିକଙ୍କ ହାତକୁ ବଢ଼ାଇଦିଏ । ଯେତେଥର ବଲ ଫିଙ୍ଗିଲେ ବି ସେ ଚଟାପଟ ଦୌଡ଼ିଯାଇ ଏହାକୁ ଧରିଆଣେ । କୁକୁରର ଏପରି ବ୍ୟବହାର ପାଇଁ କାରଣ ଆବିଷ୍କାର କରାଯାଇ ପାରିନାହିଁ । ତେବେ କୁକୁର ବ୍ୟବହାର ସମ୍ପର୍କରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ଯେ ଏହା ପଛରେ ତା'ର ଶିକାର କରିବା ପ୍ରବୃତ୍ତି ପ୍ରମୁଖ କାରଣ ହୋଇପାରେ । କୁକୁର ପ୍ରଜାତିର ବିକାଶ ସମୟରେ ଏମାନେ ନିଜ ଶିକାରକୁ ଧରି ରହିବା ଜାଗାକୁ ନେଇ ଆସୁଥିଲେ । ତେଣୁ ବଲ ପଛରେ ଧାଇଁବା ପ୍ରବୃତ୍ତି ଏବକାର କୁକୁର ନିଜ ପୂର୍ବଜଙ୍କଠାରୁ ଆଣିଥାଇପାରନ୍ତି । ସେ ଶିକାର ଧରିଆଣିବା ପରି ବଲକୁ ଆଣି ମାଲିକଙ୍କୁ ଦେଇଥାଏ । ତେବେ ନରୱେର ଗବେଷକମାନେ ଜଣାଇଛନ୍ତି ଯେ ଏହି ସ୍ୱଭାବ ପାଇଁ ଆଡ୍ରେନାଲିନ ହରମୋନ ଦାୟୀ ହୋଇଥାଏ । ଏହି ଖେଳରେ କୁକୁର ଶିକାର କରିବା ପରି ଉତ୍ସାହିତ ହୋଇଥାଏ । ଉତ୍ସାହ କାରଣରୁ ସେମାନଙ୍କ ଶରୀରରେ ହରମୋନ ଅଧିକ କ୍ଷରଣ ହୁଏ ଏବଂ ଏହା ପ୍ରଭାବରେ କୁକୁର ବାରମ୍ବାର ସେହି କାର୍ଯ୍ୟ କରେ ।

# ବୟସ୍କଙ୍କ ପାଇଁ କାମ



ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ୍ୟ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା। ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ ବୟସ୍କଙ୍କୁ ମଧ୍ୟ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ଗବେଷକଙ୍କ ମତରେ, ରଙ୍ଗର ପ୍ରଭାବରୁ ହିଁ ବୟସ୍କ ଲୋକଙ୍କ ମାନସିକ ଅବସ୍ଥାର ଉତ୍ତମ ପରିବର୍ତ୍ତନ ହୋଇଛି । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

# ଚଟାଣ ସଫା ଦେଖାଯିବ

**ଘରର ଚଟାଣ ଯଦି ରଙ୍ଗହୀନ କିମ୍ବା ଅପରିଷ୍କାର ଦେଖାଯାଏ, ତେବେ ଯେତେ ସୁନ୍ଦର ଘର କରିଥିଲେ ବି କିଛି ଲାଭ ରହେନି । ଅପରିଷ୍କାର ଚଟାଣ ବିଭିନ୍ନ ରୋଗର କାରଣ ହୋଇଥାଏ । ସାମାନ୍ୟ ଚେଷ୍ଟାରେ ଚଟାଣକୁ ସଫା ରଖାଯାଇପାରିବ ।**

♦ କଳା ଏବଂ ଲାଲ ରଙ୍ଗର ଟାଇଲ ଶୀଘ୍ର ମଇଳା ହୋଇଯାଏ । ବାଲଟିଏ ପାଣିରେ ୧କପ୍ ସିରକା ମିଶାଇ ପୋଛିଲେ ଏହା ତୁରନ୍ତ ସଫା ହୋଇଯିବ ।

♦ ତରବରିଆ ଭାବେ ଘର ପୋଛି ସଫା କରିବାକୁ ଚାହୁଁଥିଲେ କେତୋଟି ଲେମ୍ବୁ କାଟି ଏହାର ରସ ଏକ ବାଲଟି ପାଣିରେ ମିଶାଇ ଦେବେ । ଏଥିରେ ପୋଛିଲେ ଚଟାଣରେ ଥିବା ଦାଗ ତୁରନ୍ତ ସଫା ହୋଇଥାଏ ।

♦ ପୋଷାକ ସଫା କରିବା ସମୟରେ ବ୍ୟବହାର କରୁଥିବା ଫାବ୍ରିକ୍ ସଫ୍ଟନରକୁ ବି ଚଟାଣ ସଫା କାମରେ ଲଗାଇହେବ । ତେବେ ଭଲ ଭାବେ ନ ପୋଛିଲେ ଏହାର ଦାଗ ଚଟାଣକୁ ଅଧିକ ଅପରିଷ୍କାର କରିଦେଇପାରେ ।





♦ ବାଲଟିଏ ପାଣିରେ ୧କପ୍ ଆମୋନିଆ ଅତି ଉତ୍କଟ ଗନ୍ଧଯୁକ୍ତ ଥିବାରୁ ସଫା କରିବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ପଳାଇବ ।

♦ ଚଟାଣ ଘୋଡ଼ାଇବା ଲାଗି ଆଜିକାଲି ବିଶେଷ ପ୍ରକାରର ପ୍ଲାଷ୍ଟିକ ମ୍ୟାଟ୍ ମିଳୁଛି । ଏଥିରେ ପୂରା ଚଟାଣ ଘୋଡ଼ାଇହେବ । ସଫା କରିବାକୁ ମଧ୍ୟ ସହଜ ।

♦ ବାଲଟିଏ ପାଣିରେ ୧ଚାମଚ ଇଥାନଲ ମିଶାଇ ଚଟାଣ ପୋଛିପାରିବେ ।

# ବୋହୂ ହାତର ପ୍ରଥମ ପରଷା ଖାଇ ସମସ୍ତେ ଗଲେ ଡାକ୍ତରଖାନା, ଘରୁ ସବୁ ଲୁଟ୍

ନୂଆବୋହୂର ପ୍ରଥମ ଦିନ ହାତରନ୍ଧା ଖାଇ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା ବେଳେ ଅନ୍ୟପଟେ ବୋହୂ ଘରର ସୁନାଅଳଙ୍କାର ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଛି । ଉତ୍ତରପ୍ରଦେଶର ମୁରାଦାବାଦରେ ଏହି ଘଟଣା ଘଟିଥିଲା ବେଳେ ଯାଞ୍ଚ ଆରମ୍ଭ କରିଛି ସଭି ଲାଇନ୍ସପୁଲିସ । ସୂଚନାଅନୁସାରେ ଝାଝନପୁର ନିବାସୀ ସଞ୍ଜୟ (୩୨) ମନ୍ଦିରରେ ପୂଜା ନାମକ ଜଣେ ଯୁବତୀଙ୍କୁ ବିବାହ କରିଥିଲେ । ସଞ୍ଜୟଙ୍କ କହିବା ଅନୁସାରେ ଯୁବତୀଙ୍କ ଘର ବରେଲିରେ । ବିବାହ ପରେ ନୂଆବୋହୂ ଘରକୁ ଆସିଥିଲାବେଳେ ଘରେ ଥିଲା ଖୁସିର ମାହୋଲ । ଆଉ ନୂଆବୋହୂ ସେହିଦିନ ରାତିରେ ନିଜେ ରୋଷେଇ କରିଥିଲା । ଆଉ ଖାଇବା ସାମଗ୍ରୀରେ କିଛି ନିଶା ଔଷଧ ମିଶାଇ ଦେଇଥିଲା । ଆଉ ଖାଇବାର ଅଧଘଣ୍ଟା ପରେ ପରିବାରର ସମସ୍ତେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଏହି ମଉକାର ଫାଇଦା ଉଠାଇ ପୂଜା ଘରର ସୁନାଅଳଙ୍କାର ଓ ନଗଦ ୧୬ହଜାର ଟଙ୍କା ନେଇ ଫେରାର ହୋଇଯାଇଛି । ପରଦିନ ସକାଳେ ସଞ୍ଜୟର ନିଦ ଭାଙ୍ଗିବା ପରେ ଘରେ ସମସ୍ତେ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖି ଡାକ୍ତରଖାନାକୁ ନେଇଥିଲେ । ଘଟଣା ସମ୍ପର୍କରେ ପୁଲିସରେ ଏତଲା ପରେ ଏବେ ଯାଞ୍ଚ ଆରମ୍ଭ ହୋଇଛି ।



# ଓନିଅନ୍ ରିଙ୍ଗ୍‌ସ

**ସାମଗ୍ରୀ:**
ଖୁବ୍ ସହଜରେ ତଥା ଅଳ୍ପ ସମୟରେ ଏଇ ଓନିଅନ ରିଙ୍ଗ୍ ପ୍ରସ୍ତୁତ ହୋଇଥାଏ । ଏଥିପାଇଁ ଆବଶ୍ୟକ ସାମଗ୍ରୀମାନ ହେଲା ୨ଟି ବଡ଼ ପିଆଜ, ଦେଢ଼ କପ ମଇଦା, ୧ଛୋଟ ଚାମଚ ବେକିଂ ପାଉଡର, ସ୍ୱାଦ ଅନୁସାରେ ଲୁଣ, ୧ଛୋଟ ଚାମଚ ବେସନ, ଛାଣିବା ପାଇଁ ତେଲ ।

**ପ୍ରସ୍ତୁତି :** ପିଆଜକୁ ଗୋଲ ଓ ମୋଟା ଆକାରରେ ପ୍ରଥମେ କାଟିନେବେ । ଏଲବେ ତାହାର ଗୋଲଗୋଲ ଆକାରର ରିଙ୍ଗ୍‌କୁ ବାହାର କରନ୍ତୁ । ଚୁଲାରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ଅନ୍ୟ ଏକ ପାତ୍ରରେ ମଇଦା, ଓ ଅନ୍ୟାନ୍ୟ ସମସ୍ତ ସାମଗ୍ରୀ ସହ ପାଣି ମିଶାଇ ଘୋଳ ପ୍ରସ୍ତୁତ କରିବେ । ଏବେ ସେଥିରେ ପିଆଜ ରିଙ୍ଗ୍‌କୁ ବୁଡ଼ାଇ ତେଲରେ ଛାଣିନେବେ । ଗରମାଗରମ ଓଡ଼ିଅନ ରିଙ୍ଗ୍ ସପରୀବାର ଖାଇବାର ମଜା ନିଅନ୍ତୁ ।



ବର୍ଷାଦିନେ ଛଣାଛଣି ଖାଇବାର ଇଚ୍ଛାଟା ଅଧିକ ବଢ଼ିଯାଏ । ପାଗକୁ ଏଇ ବରା, ପିଆଜି ଖାଦ୍ୟ ଅଧିକ ମଜାଦାର କରିଥାଏ । ବାହାରୁ ଏସବୁ ଖାଦ୍ୟ କିଣିବା ଅପେକ୍ଷା ଘରେ ପ୍ରସ୍ତୁତ କରିବା ଉଚିତ । ମୁମ୍ବାଇରେ ବର୍ଷାଦିନେ ଘରେ ଘରେ ଲୋକେ 'ଓନିଅନ ରିଙ୍ଗ୍' ତିଆରି କରି ସପରିବାର ଖାଇବାର ମଜା ନେଇଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମାତୃ ସ୍ୱାସ୍ଥ୍ୟ କ୍ଷେତ୍ର...

ବିଗତ କିଛି ବର୍ଷ ଧରି ଭାରତ ମାତୃ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଘଟାଇବାକୁ ଉଦ୍ୟମ କରି ଆସୁଛି। ଆଉ ଏହି ଉଦ୍ୟମର ଫଳ ମଧ୍ୟ ଧୀରେ ଧୀରେ ମଧୁର ହେବାକୁ ଆରମ୍ଭ କରିଛି; ଏଥିପାଇଁ କରାଯାଉଥିବା ହିସାବରୁ ଦେଶର ମାତୃ ମୃତ୍ୟୁ ହାର ହ୍ରାସ ପାଉଥିବା ସମ୍ପର୍କରେ ଜଣାପଡ଼ିଛି। ତେବେ ଏମ୍ଏମ୍ଆର୍‌ରେ ଏହି ହ୍ରାସ ସବୁ ରାଜ୍ୟରେ ବା ସବୁ ଅଂଚଳରେ ସମାନ ରହିଛି କି ? ନିକଟରେ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ମାତୃ ମୃତ୍ୟୁ ସମ୍ପର୍କରେ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ପପୁଲେସନ ସାଇନ୍ସେସ୍ ଏକ ଅଧ୍ୟୟନ କରିଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଏଥିରେ ଅନ୍ତର୍ଭୁକ୍ତ ୬୪୦ଟି ଯାକ ଜିଲ୍ଲା ମଧ୍ୟରୁ ୪୪୮ଟିରେ ମାତୃ ମୃତ୍ୟୁ ଅନୁପାତ ଅବଶିଷ୍ଟ ଜିଲ୍ଲାଗୁଡ଼ିକ ଅପେକ୍ଷା ଅଧିକ ରହିଛି, ଯାହା ଏକ ଗୁରୁତର ଅସନ୍ତୁଳନର ସୂଚନା ପ୍ରଦାନ କରୁଛି। ଏମ୍ଏମ୍ଆର କହିଲେ ଏକ ଲକ୍ଷ ଜୀବନ୍ତ ଜନ୍ମରେ ପ୍ରସବ ସମୟରେ ଜଟିଳତା କାରଣରୁ ବା ଗର୍ଭଧାରଣ ସମୟରେ ଘଟିଥିବା ମାତୃ ମୃତ୍ୟୁର ହିସାବ। ଏହି ହିସାବ ତେଣୁ ନିଃସନ୍ଦେହରେ ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟର ପରିମାପକ। ଜାତିସଂଘ ପରିପୋଷଣୀୟ ବିକାଶର ନୀତି ଅନୁଯାୟୀ ବିଶ୍ୱର ସବୁ ଦେଶ ୨୦୩୦ ସୁଦ୍ଧା ସେମାନଙ୍କର ଏମ୍ଏମ୍ଆରକୁ ୭୦ରୁ କମ୍ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉପରୋକ୍ତ ସଂସ୍ଥା ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଚି ଯେ ଭାରତର ଏମ୍ଏମ୍ଆର ବର୍ତ୍ତମାନ ୧୦୩ରେ ରହିଛି। ପରିତାପର ବିଷୟ ହେଉଛି, ଏହି ସଂଖ୍ୟା ତୃଣମୂଳ ବାସ୍ତବତାର ପ୍ରତିନିଧିତ୍ୱ କରୁନାହିଁ। ପିଏଲ୍ଓଏସ୍‌ର ବୈଶ୍ୱିକ ଜନସ୍ୱାସ୍ଥ୍ୟ ମୁଖପତ୍ରରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତର ମୋଟ୍ ୬୪୦ଟିରୁ ପ୍ରାୟ ୭୦ ପ୍ରତିଶତ ଜିଲ୍ଲା ୨୦୧୭ରୁ ୨୦୨୦ ମଧ୍ୟରେ ବିଶ୍ୱସ୍ତରୀୟ ଲକ୍ଷ୍ୟକୁ ହାସଲ କରିବାରେ ବିଫଳ ହୋଇଥିଲେ। ଏହା ବାଦ୍ ଆହୁରି ମଧ୍ୟ କେତୋଟି ବିସଙ୍ଗତି ରହିଛି। ପର୍ଯ୍ୟାୟ କ୍ରମିକ ସରକାରୀ ସର୍ଭେରେ ରାଜ୍ୟମାନଙ୍କ ମଧ୍ୟରେ ଏମ୍ଏମ୍ଆର୍ କ୍ଷେତ୍ରରେ ଆସାମ ନୁହଁ, ବରଂ ଅରୁଣାଚଳ ପ୍ରଦେଶ ସର୍ବାଧିକ ସ୍ତରରେ ରହିଛି। ଏହାକୁ ଅଧିକ ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗ ହେଉଛି- ଛଅଗୋଟି ରାଜ୍ୟ ଏବଂ ଦୁଇଗୋଟି କେନ୍ଦ୍ରଶାସିତ ଅଂଚଳର ହାରାହାରି ୧୨୮ଟି ଜିଲ୍ଲାରେ ଏମ୍ଏମ୍ଆର ସଂଖ୍ୟା ୨୦୦ରୁ ଅଧିକ ରହିଛି। ଏହା ବାଦ୍ ମଧ୍ୟ ରହିଛି ଆଂଚଳିକ ଅସମାନତା। ଦେଶର ଉତ୍ତରପୂର୍ବ, ଉତ୍ତର, ପୂର୍ବ ଏବଂ କେନ୍ଦ୍ରାଂଚଳରେ ଅବସ୍ଥିତ ରାଜ୍ୟଗୁଡ଼ିକରେ ଅତ୍ୟଧିକ ଏମ୍ଏମ୍ଆର୍ ରହିଥିବା ସମ୍ପର୍କରେ ନିରନ୍ତର ଭାବରେ ଗଣନା କରାଯାଇ ଆସୁଥିବାବେଳେ ଅର୍ଥନୀତିକ ଦୃଷ୍ଟିକୋଣରୁ ଉନ୍ନତ ଅବସ୍ଥାରେ ରହିଥିଲେ ସୁଦ୍ଧା ଦକ୍ଷିଣାଂଚଳ ଏବଂ ପଶ୍ଚିମାଂଚଳ ମଧ୍ୟମରୁ ଅଧିକ ପରିମାଣର ଏମ୍ଏମ୍ଆର ଥିବା ଜିଲ୍ଲାଗୁଡ଼ିକ ରହିଛି। ଉଲ୍ଲେଖନୀୟ କଥା ହେଉଛି, ଯେଉଁସବୁ ଜିଲ୍ଲାରେ ଅଧିକ ସଂଖ୍ୟକ ତଫସିଲଭୁକ୍ତ ଜାତି ଏବଂ ଜନଜାତିର ଲୋକମାନେ ବାସ କରୁଛନ୍ତି, ସେସବୁରେ ଏମ୍ଏମ୍ଆରର ସ୍ତର ସର୍ବାଧିକ ସ୍ଥିତିରେ ରହିଥିବା ଜଣାପଡ଼ିଛି। କହିବା ବାହୁଲ୍ୟ, ଏସବୁ ତଥ୍ୟ ଅସମାନ ଅଭିବୃଦ୍ଧି ଏବଂ ତହିଁରେ ସନ୍ନିବେଶିତ ଅସମାନତାକୁ ସ୍ପଷ୍ଟ ଭାବରେ ସାମନାକୁ ଆଣୁଛି। ଏହା ନିର୍ବିବାଦରେ କୁହାଯାଇପାରେ ଯେ ଏମ୍ଏମ୍ଆର୍ କ୍ଷେତ୍ରରେ ନିର୍ଭରଯୋଗ୍ୟ ତଥ୍ୟର ଅଭାବ ଜାତିସଂଘର ଲକ୍ଷ୍ୟକୁ ହାସଲ କରିବା ଦିଗରେ ଏକ ପ୍ରମୁଖ ପ୍ରତିବନ୍ଧକ ଭାବରେ ଉଭା ହେଉଛି। ଏହା ସତ୍ତ୍ୱେ କେତେକ ଅଧ୍ୟୟନରୁ କେତେକ ନିଷ୍କର୍ଷ ବାହାର କରାଯାଇପାରିବ। ଏମ୍ଏମ୍ଆର ଏବଂ ଆନୁଷ୍ଠାନିକ ଯତ୍ନ ଭିତରେ ରହିଥିବା ନକରାତ୍ମକ ସମ୍ପର୍କ ହେଉଛି ଏଥିରୁ ବାହାରୁଥିବାଏକ ପ୍ରମୁଖ ନିଷ୍କର୍ଷ। ଏହା ସୂଚାଉଛି ଯେ ପୂର୍ବ ସମୟ ତୁଳନାରେ ସାମ୍ପ୍ରତିକ ସମୟରେ ଆନୁଷ୍ଠାନିକ ପ୍ରସବର ହାର ବୃଦ୍ଧି ପାଇଥିଲେ ସୁଦ୍ଧା ଅଧିକାଂଶ ମହିଳା ଆବଶ୍ୟକ ପରିମାଣରେ ପ୍ରସବ ପରବର୍ତ୍ତୀ ସେବା ଯତ୍ନ ପାଇବାରୁ ବଂଚିତ ହେଉଛନ୍ତି। ଏମ୍ଏମ୍ଆରର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ବିପଦପୂର୍ଣ୍ଣ ଗର୍ଭପାତ। ଏ କ୍ଷେତ୍ରରେ ପଂଜାବ ଏକ ଦୃଷ୍ଟାନ୍ତ। ଏମ୍ଏମ୍ଆର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ମାନଦଣ୍ଡ, ଯାହାକୁ ନୀତି ନିର୍ଦ୍ଧାରକମାନେ,ନିର୍ଦ୍ଦିଷ୍ଟ ଭାବରେ ମାତୃ ସ୍ୱାସ୍ଥ୍ୟ ଅବସ୍ଥାକୁ ଏବଂ ଦେଶରେ ମହିଳାମାନଙ୍କ ସାଧାରଣ ସ୍ଥିତିର ନିରୀକ୍ଷଣ କରିବା ନିମନ୍ତେ, ବ୍ୟବହାର କରିଥାନ୍ତି। ତଦନୁଯାୟୀ ସେମାନେ ପରିସ୍ଥିତିରେ ପରିବର୍ତ୍ତନ ପାଇଁ ଆବଶ୍ୟକୀୟ ନୀତି ପ୍ରସ୍ତୁତ କରିବା ସହିତ ସରକାରଙ୍କୁ ପ୍ରାଥମିକତା ଭିତ୍ତିରେ କେଉଁସବୁ କାର୍ଯ୍ୟ ହାତକୁ ନିଆଯିବା ଉଚିତ, ସେ ସମ୍ପର୍କରେ ସୁପରାମର୍ଶ ପ୍ରଦାନ କରିଥାନ୍ତି। ତେଣୁ ଏହାକୁ କୌଣସିମତେ ହାଲକା ଭାବରେ ଗ୍ରହଣ କରାଯିବା ଉଚିତ୍ ନୁହେଁ। ସଦ୍ୟତମ ଅଧ୍ୟୟନରୁ ଯେଉଁ ସୂଚନା ଉପଲବ୍ଧ ହୋଇଛି, ତାହା ତୃଣମୂଳ-ସ୍ତରରେ ସୂକ୍ଷ୍ମ ଭାବରେ ସ୍ୱାସ୍ଥ୍ୟସେବାର ନୀତିଗୁଡ଼ିକୁ କାର୍ଯ୍ୟାନ୍ୱୟନ କରାଯିବାର ଆବଶ୍ୟକତା ରହିଥିବା କଥାକୁ ଦୋହରାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

## ବିଦ୍ୟାଳୟରେ ନୈତିକ ଶିକ୍ଷା ବାଧ୍ୟତା ମୂଳକ ହେଉ



ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୁର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୁଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଚ୍ଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ। ଆଧୁନିକ ମନୁଷ୍ୟ ସୁଖ ସ୍ୱାଚ୍ଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ। ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ। ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି। ପୁର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି। ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି। ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।


+ଶିକ୍ଷାବିତ୍,
ଇଶାଣି ବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦


## ଜାତୀୟତାବାଦର ପ୍ରତୀକ ମା’ ରମାଦେବୀ



ମୀରା ବେଉରା

କେବଳ ହିଂସା ଓ ରକ୍ତପାତରେ ନୁହେଁ, ଉତ୍କଳର ଯେଉଁ ମହିୟସୀ ମହିଳାମାନେ ଶାନ୍ତି ଓ ଅହିଂସା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ, ସେହି ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ମା’ ରମାଦେବୀ। ସେହି ସମୟରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ହିଁ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସଦେବାକୁ ପ୍ରେରଣା ଯୋଗାଇଥିଲା। ଜାତିରପିତା ଗାନ୍ଧିଜୀଙ୍କ ଆଦର୍ଶରେ ଗଭୀର ଭାବେ ଅନୁପ୍ରାଣିତ ହୋଇ ଏହି ମହିୟସୀ ମହିଳାମାନେ ଅଗ୍ନିଶମ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରିଥିଲେ। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଦେଶ, ସମାଜ, ଜାତି ଓ ରାଷ୍ଟ୍ର ନିର୍ମାଣ ପାଇଁ ସେବାକୁ ଆଜୀବନ ନିଜ ଜୀବନର ବ୍ରତ କରିଥିବା ଏହି ଉତ୍କଳର ଶିଳାଭୂମି ତଳେ ଆଜି ବି ଲୁଚି ରହିଛି ଏହି ମହିୟସୀ ମହିଳାମାନଙ୍କର ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ବ୍ୟଥାଭରା କାହାଣୀ।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ ଅନେକ ବାଧା, ପ୍ରତିବାଦ, ବିରୋଧ, ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଜୀବନବ୍ୟାପୀ ସାଧନା ଦ୍ୱାରା ସମଗ୍ର ମାତୃଜାତିର ଆଦର୍ଶ ଥିଲେ ମା’ ରମାଦେବୀ। ଏହିମାନେ ହିଁ ଥିଲେ ପ୍ରଚଣ୍ଡ ଦେଶପ୍ରେମ, ତ୍ୟାଗ ତିତିକ୍ଷାର ଜ୍ୱଳନ୍ତ ନିଦର୍ଶନ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା। ଏହି ମହିୟସୀ ମା’ ରମାଦେବୀଙ୍କ ବ୍ରତ। ସେ ଦିନ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ନାରୀଶକ୍ତିର ପ୍ରତୀକ ସରଳାଦେବୀ, ସେବା ଓ ମମତାର ପ୍ରତିମୂର୍ତ୍ତି ମା’ ରମାାଦେବୀ ଏବଂ ବିପ୍ଳବୀ ବହ୍ନିକନ୍ୟା ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ପାଲଟି ଯାଇଥିଲେ। ପ୍ରାଚୁର୍ଯ୍ୟ ମଧରେ ବଢ଼ିଥିଲେ ମଧ ଡେପୁଟି କଲେକ୍ଟର ଚାକିରି ଛାଡ଼ିଥିବା ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା’ ରମାଦେବୀ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ୧୯୨୧ ମସିହାରେ କାଠଯୋଡ଼ି ନଦୀ କୂଳରେ ମହାତ୍ମା ଗାନ୍ଧୀଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର ଶହେ ଭରି ସୁନା ଏବଂ ନିଜ ହାତରେ ଅରଟରେ କାଟିଥିବା ବିରାଟ ସୂତା ପୁଡ଼ିଆକୁ ମହାତ୍ମା ଗାନ୍ଧୀଙ୍କ ହାତକୁ ଯିଏ ବଢ଼େଇ ଦେଇଥିଲେ, ସେ ଥିଲେ ମା’ ରମାଦେବୀ। ଯିଏ ଆଜୀବନ ପାଦରେ ଚପଲଟିଏ ମଧ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ, ସେ ଥିଲେ– ମା’ ରମାଦେବୀ। ଯାହାଙ୍କ ଜୀବନଶୈଳୀ ଅତ୍ୟନ୍ତ ସରଳ, ସାବଲୀଳ ଥିଲା, ସେ ଥିଲେ ମା’ ରମାଦେବୀ। ତାଙ୍କର କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ର ମନମୋହନ ମଧ ମା’ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ୧୯୬୨ ମସିହାରେ ଭାରତ ଏବଂ ଚୀନ୍ ମଧରେ ଯୁଦ୍ଧ ଚାଲିଥିଲା ବେଳେ ଯିଏ ସେନାଛାଉଣୀରେ ଅବସ୍ଥାନ କରି ସୈନ୍ୟମାନଙ୍କର ସେବା କରିଥିଲେ, ସେ ଥିଲେ ମା’ ରମାଦେବୀ। କେବଳ ସେତିକି ନୁହେଁ, ୧୯୬୪ ମସିହାରେ ଦଣ୍ଡକାରଣ୍ୟଠାରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ସେବାରେ ଯିଏ ବ୍ରତୀ ଥିଲେ, ସେ ହେଉଛନ୍ତି ମା’ ରମାଦେବୀ।

ବନ୍ୟା ହେଉ କି ବାତ୍ୟା ହେଉ କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ଯିଏ ଅପାର ଆନନ୍ଦ ଲାଭ କରୁଥିଲେ, ସେ ଥିଲେ ମା’ ରମାଦେବୀ। ପ୍ରଥମେ ଅଳକା ଆଶ୍ରମ ଏବଂ ପରେ ବରୀ ଆଶ୍ରମ ଗଢ଼ି ଅନେକ ସେବାମୂଳକ କାର୍ଯ୍ୟ ଜାରି ରଖିଥିଲେ ମା’ ରମାଦେବୀ। ଯେମିତିକି ନାରୀ ଜାଗରଣ, ନିଶା ନିବାରଣ, ମୌଳିକ ଶିକ୍ଷା, ମହୁଚାଷ, ଗୋ’ ସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗାବୁଣିବା ଇତ୍ୟାଦି କାର୍ଯ୍ୟରେ ମା’ ସର୍ବଦା ବ୍ୟସ୍ତ ରହୁଥିଲେ। କେବଳ ସେତିକି ନୁହେଁ, ୧୯୩୦ ମସିହା ଅପ୍ରେଲ ୧୩ ତାରିଖରେ ଇଞ୍ଚୁଡ଼ିଠାରେ ଆରମ୍ଭ ହୋଇଥିଲା ‘ଆଇନ୍ ଅମାନ୍ୟ ଆନ୍ଦୋଳନ’ ହେଉ, ୧୯୩୪ ମସିହାରେ ‘ହରିଜନ ପଦଯାତ୍ରା’ ହେଉ ଅବା ୧୯୪୨ ଅଗଷ୍ଟ ୯ର ‘ଭୂଦାନ ଆନ୍ଦୋଳନ’ ହେଉ, ପ୍ରତ୍ୟେକ ଆନ୍ଦୋଳନରେ ଯୋଗଦେଇ ମା’ ରମାଦେବୀ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ମହିଳମାନଙ୍କ ପାଇଁ ଆଦର୍ଶ ସାଜିଥିଲେ।

ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ



ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନନୀୟ ‘ଡକ୍ଟରେଟ୍’ ଉପାଧି ଏବଂ ଯମୁନାଲାଲ୍ ଫାଉଣ୍ଡେସନ୍ ତରଫରୁ ପୁରସ୍କାର ମିଳିଥିଲା। ଏହି ଫାଉଣ୍ଡେସନ୍ ତରଫରୁ ପାଇଥିବା ଏକଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ମା’ ରମାଦେବୀ ଦଳିତ, ଅବହେଳିତ ଜନତାଙ୍କ ସେବାରେ ଖର୍ଚ୍ଚ କରିଥିଲେ। ପ୍ରକୃତରେ ମା’ ରମାଦେବୀ ଥିଲେ ସେବା, ମମତା ଏବଂ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଅବଦାନ ଏ ଜାତି କେବେ ଭୁଲିବ ନାହିଁ।


ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪





## ତଥାପି ତୁମେ ମୋ ମନକୁ ଆସ...

### ନୂତନ କୁମାର ବେହେରା

ଅନେକ ସମୟରେ ଏକା ଥିଲେ ବସି
ତୁମ କଥା ଭାରି ମନେ ପଡେ
କହିଲେ ହୁଏତ ବିଶ୍ୱାସ କରିବନି ତୁମେ
କେମିତି ଅବା ବିଶ୍ୱାସ କରିବ ଯେ
ସଂପର୍କ ତ ଆଉ କିଛି ନାହିଁ ତୁମ ସହିତ
ବହୁତ ଦିନରୁ ଦେଖା ବି ହୋଇନି
ଇଚ୍ଛା ହୁଏ ଦେଖା ହୁଅନ୍ତା କି କେବେ
ମୋ ଆଖି ତୁମକୁ ଖୋଜେ
ସେଇ ଅଚିହ୍ନା ମୁହଁ ମାନଙ୍କ ଭିତରେ
କାଳେ ତୁମ ମୁହଁ ଝଲସି ଉଠିବ
ସେଇ ମାନଙ୍କ ମଧ୍ୟରୁ......
ନା ସେମିତି ସେଦିନରୁ ଆଜି ଯାଏଁ
ହୋଇନି ତ...ହେବାର ବି
ସମ୍ଭାବନା ନାହିଁ
କେଜାଣି କେଉଁଠି ଥିବ କେମିତି ଥିବ
ଜାଣିବାକୁ ମନ ହୁଏ...
ସ୍ମୃତିମାନେ ବଞ୍ଚି ଉଠନ୍ତି
ପଚାରେ ମୁଁ ନିଜକୁ ବାରମ୍ବାର
ପୁରୁଣା ଦିନ ପୁରୁଣା ସ୍ମୃତି
ଫେରିବାର ନାହିଁ
ନୂଆ ରୂପରେ ବି ସଜାଇ ହେବାର
ବୟସ କି ଆବେଗ ନାହିଁ...
ତଥାପି ଏମିତି କଣ ପାଇଁ ହୁଏ
ବୁଝିବାକୁ ଚେଷ୍ଟା କରେ ବହୁତ ବହୁତ
ବୁଝି ପାରେନା କାହିଁକି କେଜାଣି...
ଅବୁଝା ଜ୍ୟାମିତିକ ରେଖା ଗୁଡ଼ିକ ପରି
ଛନ୍ଦାଛନ୍ଦି ହୋଇଯାନ୍ତି ଏକାଠି
ସରଳ ବକ୍ର ହୋଇ.....
କେଉଁ ରେଖାକୁ ନେଇ ଆଙ୍କିବି କ୍ଷେତ୍ର
କାଗଜ ପୃଷ୍ଠା ବି ମଳିନ ଦିଶୁଛି
ଅଙ୍କନ କଲେ ଦିଶିବ ଅସ୍ପଷ୍ଟ ଝାପ୍ସା
ସତରେ ତୁମେ ଅଛ ଯାଇନ କୁଆଡ଼େ
ଅଛ ମୋ ହୃଦୟରେ ମନରେ ସ୍ମୃତିରେ
ବୋଧହୁଏ ଏଇଟା ହିଁ ତୁମ ପ୍ରତି
ମୋର ଭଲ ପାଇବା ଆଉ ପ୍ରେମ
ସ୍ଥୁଳରେ ନ ହେଲେ ବି ଅଛ ମୋ ଭିତରେ
ସୂକ୍ଷ୍ମ ସତ୍ତାରେ ମୋ ପ୍ରାଣର ସ୍ପନ୍ଦନରେ
ଆଉ ବେଶ୍ ଅନୁଭବ ବି ହୁଏ
ତୁମର ତ୍ୟାଗ ମୋର ତ୍ୟାଗ ସମାନ୍ତରାଳ
କେବେ ତ ମିଶିନି ଆଉ ମିଳିବନି ମଧ
ତଥାପି ତୁମେ ମୋ ମନକୁ ଆସ....

+ବାରିପଦା,ମୟୂରଭଞ୍ଜ

## ଚିରନ୍ତନ ସତ୍ୟ

### ବାପିନି ସିଂ

ଯେତେ ସେବା ବ୍ରତ କର ଦିନରାତି
ବାପା ମାଆ ଯଦି ଦୁଃଖି
ସବୁ ପୁଣ୍ୟ ଫଳ ଶୂନ୍ୟ ହୋଇଯିବ
କେହି ନ ପାରିବେ ରଖି ।
ପୁରୀ ବୁଲିଯାଇ ଜଗାକୁ ନ ଦେଖିଲେ
ପୁରୀ ଯିବା ଅକାରଣ
ଯେତେ ପାଠ ପଢ଼ ପଢ଼ା ମୂଲ୍ୟହୀନ
ହୋଇଲେ ସଂସ୍କାର ହୀନ ।
ଉଚ୍ଚ ଶିକ୍ଷିତ ହୋଇ ସବୁବେଳେ ଯିଏ
କହେ ଅସଭ୍ୟ ବଚନ
ସେହି ଲୋକଟିକୁ ଜାଣିଯିବ ତୁମେ
ସେ ଜଣେ ଦୁଷ୍ଟ ଜନ ।
ଗୁରୁଙ୍କ ଠାରୁ ଶିକ୍ଷା ଲାଭ ପରେ
ପାଉଣା ଯିଏ ନ ଦିଏ
ସେ ଶିକ୍ଷା ଲାଭର କିଛି ଲାଭ ନାହିଁ
ଗୁରୁ ଅଭିଶାପ ପଡ଼େ ।
ନାରାୟଣୀ ରୂପୀ ନାରୀଙ୍କୁ ଯିଏ
ନୀଚ ଦୃଷ୍ଟିରେ ଦେଖେ
ସେ ନୀଚ ଲୋକଟି ନିଶ୍ଚିତ ରୂପେ
ପଡ଼ଇ ଯମ ନରକେ ।
ଯେଉଁ ଲୋକ ପାଖେ ଧୈର୍ଯ୍ୟ ନାମକ
ଗୁଣର ଅଭାବ ଅଛି
ସେ ଲୋକ କଦାପି ପାଇ ପାରିବନି
ସଫଳତାର ଚାବିକାଠି ।


ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର, ବାଲେଶ୍ୱର
ଦୂରଭାଷ:୯୯୩୭୮୨୦୮୩୧


## ଚୁଡା - ମୁଢି - ଖଇ

### ରମେଶ ଚନ୍ଦ୍ର ନାୟକ

ଘୋଷଣା ହୋଇଛି ଆମରି ଦେଶରେ
ଚୁଡ଼ା ମୁଢ଼ି ଖଇ ଖାଦ୍ୟେ
ଜି ଏସ୍ ଟି ଲାଗିବ ପାଞ୍ଚ ପରସେଣ୍ଟ
ଭାଳେଣି ଲୋକଙ୍କ ମଧ୍ୟେ ।
ଆମ ପ୍ରିୟ ଖାଦ୍ୟ ଅତ୍ୟନ୍ତ ସୁଆଦ
ଜଳଖିଆ ମଧ୍ୟେ ସାର
ସାଥେ ମିଶିଥିଲେ ଛେନା ଦହି ଗୁଡ଼
ଆତ୍ମା ଶାନ୍ତି ସଭିଙ୍କର ।
ସାଧାରଣ ଲୋକେ ହୋଇବେ ହିନସ୍ତା
ଗରିବ ପେଟରେ ମାଡ
ସରକାର ଦୟା ସାହାଯ୍ୟ ମମତା
ଉପରେ ଉଠିଛି ଝଡ ।
ଗରିବ ଯୋଜନା ହେବ ବାଟବଣା
ସନ୍ଦେହ ଜାଗଇ ମନେ
ବନ୍ୟା ବାତ୍ୟା କାଳେ ଲୋଡା ପଡ଼ିଥାଏ
ଆଉକି ପାଇବେ ଜନେ ।
ଶସ୍ତା ଖାଦ୍ୟ ଏବେ ହୋଇବ ମହଙ୍ଗା
ସରକାର ହେବେ ଧନୀ
ଗରିବ ଗୁରୁବା ଚାଷୀବନ୍ଧୀ ଲୋକେ
ଦୁର୍ଦ୍ଦଶା ଭୋଗିବେ ପୁଣି ।
ଆଜିର ସମାଜେ ଦରଦାମ ବୃଦ୍ଧି
ଜନତା ତ ଭାରାକ୍ରାନ୍ତ
ଟିକସ ଖସଡ଼ା ବେଢି ର କୋରଡ଼ା
ସଦୃଶ ହୋଇଛି ସେତ ।
ଦେଶ ମୁଦ୍ରାସ୍ଫୀତି ବଢେ କ୍ରମାଗତ
ଖୁଚୁରା ବଜାର ଦର
ଖାଉଟି ଘାଇଲା ହୃଦେ ଦୁଃଖ ଦେଲା
ବୃଦ୍ଧି ବୋଝ ଟିକସର ।
ଅଣ ସଂଗଠିତ କ୍ଷେତ୍ରରେ ପ୍ରସ୍ତୁତ
ଖାଦ୍ୟ ଚୁଡା ମୁଢ଼ି ଖଇ
ଦୋକାନ ବଜାରେ ବିକ୍ରି ପ୍ୟାକେଟରେ
ଦର ବଢିଯିବ ଯହିଁ ।
ଏଭଳି ନିଷ୍ପତ୍ତି ଅଦ୍ଭୁଦର୍ଶୀଟି
କହୁଛନ୍ତି ବ୍ୟବସାୟୀ
ହାତ ବାନ୍ଧି ବସି ରହିବେ ବେପାରୀ
ଦାବୀ ପ୍ରତ୍ୟାହାର ପାଇଁ ।


+କେଶରପୁର ,
ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦


## ପୁଅ ଯାଇଛି ଦାଦନ ଖଟି

### ସୁନୀଲ କୁମାର ପ୍ରଧାନ

ଆମ ଅଞ୍ଚଳରେ କାମ ନାହିଁ ବୋଲି
ପିଲାଏ ଗଲେ ଦାଦନ
ସେଠାରେ ସେମାନେ ନିଜ କର୍ମ କରି
ଘରକୁ ପଠାନ୍ତି ଧନ ।
ମୁଣ୍ଡ ଝାଳ ସତେ ତୁଣ୍ଡ ମାରି ସେହୁ
ଅରଜନ୍ତି କିଛି ଧନ
ସେହି ଧନରେ ସେ ଖୁସିରେ ବଞ୍ଚନ୍ତୁ
ରଖିଥାନ୍ତି ସଦା ମାନ ।
ଦାଦନକୁ ସେ ପେଶା କରିଥାନ୍ତି
ନାହିଁ ଆଉ କିଛି ବାଟ
ନିଜେ ନିଜ ମୂଲ୍ୟ ବୁଝି କରି ସତେ
ଭରନ୍ତି ନିଜର ପେଟ ।
ଦାଦନର ମୂଳ କିଛି ମାତ୍ର ଧନ
ପଠାନ୍ତି ନିଜ ଘରକୁ
ଆଉ ଅଳ୍ପ ଧନ ନିଜର କାମରେ
ନିୟୋଜିତ କରି ପାରୁ ।
ଦାଦନ ଦୁଃଖକୁ ବର୍ଣ୍ଣିବା ପାଇଁ କି
ନାହିଁତ ସାହାସ ମୋର
ମୁନା ନିବେଦନ କରିବାରୁ ଏହା
ଲେଖେ କବିତା ମାତର ।


+ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଏକାନ୍ତରେ ଦିନେ ......

### ନିରଞ୍ଜନ ସାହୁ

ଲୁହ ପଚାରଇ କୋହକୁ ଏକାନ୍ତେ
କେମିତି ଜୀବନ ଏହା
ଦୁଃଖ ଯାତନାର ସମାପ୍ତ କେଉଁଠି
ସୁଖ ତ ହେଉନି ସାହା ??

କୋହ ସମ୍ବୋଧଇ ଲୁହକୁ ବୁଝାଇ
ସବୁ ତ କପାଳେ ଲେଖା
କିଏ ସେ ଲିଭାଇ ପାରିବ କୁହ ତ
ହସ୍ତେ ଟଣା ଥିବା ରେଖା
ଭାଗ୍ୟକୁ ଆଦରି ବଞ୍ଚିବା ଉଚିତ
ଲୋଡ଼ା ନାହିଁ ପଦେ ଆହା ।

ଈଶ୍ୱରଙ୍କ ଇଚ୍ଛା ପୂରଣ ହେଉ ହେ
ସିଏ ବଡ଼ ସମାରଥା
ସିଏ ହିଁ କେବଳ ଜାଣିଥାନ୍ତି ଏକା
ଭାଗ୍ୟ ଭବିତବ୍ୟ କଥା
ଏ ସାରା ସଂସାରେ ତାଙ୍କ ନାମ ଏକା
ବଞ୍ଚିବାର ମୁଖ୍ୟ ରାହା ।


+ନିହଳ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଗର୍ଭଶୂଳ
### ଭରତ ଚନ୍ଦ୍ର ଦାଶ



ମୁଁ ଏଇ
କେତେଦିନ ହେବ
ଚିନ୍ତା ଚେତନା ଓ ଭାବ
ଆବେଗର ଚକ୍ରବ୍ୟୁହରେ
ପଡି ଗର୍ଭଧାରଣ କରିଛି
ଶବ୍ଦମାନେ ଭାବକୁ ନେଇ
ମୋ ଗର୍ଭରେ ସଞ୍ଚରୁଛନ୍ତି
କବିତା ରୂପରେ
ମୁଁ ଗର୍ଭବତୀ ଅଛି
ପ୍ରସୂତୀ ଯନ୍ତ୍ରଣାରେ
ଆଉଟୁ ପାଉଟୁ ହେଉଛି
ପ୍ରସବର ଅମୃତଲଗ୍ନ ଓ
ମାହେନ୍ଦ୍ରବେଳାକୁ
କେବଳ ପ୍ରତୀକ୍ଷା। ସୃଜନର
ଆଦ୍ୟ ଉଚ୍ଚାରଣର
ମା ନିଷାଦ ପ୍ରତିଷ୍ଠାମ୍
ଶୋକରେ ଦୁଃଖରେ
ଅମୃତର ଧାରା ଲୁକ୍କାୟିତ
ଶୋକ ନ ଥିଲେ ସୁଖ ଶାନ୍ତି
ସମୃଦ୍ଧିର ବୀଜବପନ
ହେବ କେମିତି ଏହା ହିଁ ତ
ନିୟତିର ଅଲୁକ୍ ନିର୍ଦ୍ଦେଶ ।
ସ୍ରଷ୍ଟାଟିଏ ସ୍ୱପ୍ନ ବିଭୋର ହେବା
ତନ୍ଦ୍ରାରେ ବିଲ୍ ବିଲେଇ ହେବା
ତା'ର ଅଦୃଶ୍ୟରେ ହାତ ଟେକି
ଚିତ୍ର ଅଙ୍କନ କରିବା ଶୂନ୍ୟରେ
ଏହା ସୃଜନର ଚିତ୍ରିତ
ଚିତ୍ରକଳ୍ପ ବୋଧହୁଏ ।
ଶବ୍ଦମାନେ ସହଜରେ
ଧରା ଦିଅନ୍ତି ନି ଲୁଚକାଳି ଖେଳନ୍ତି
କବିଟିଏ ବେଶ୍ ପାରଙ୍ଗମ
ଶବ୍ଦର ଖିଆଲ ବୁଝିବାକୁ
ମାଟିମନସ୍କ ଥିଲା ବେଳେ
କବିତାଟିଏ ଝରିଆସେ
ସୃଜନର ନିର୍ଝରରୁ ।

ଗର୍ଭ ଯନ୍ତ୍ରଣା ସହିବା
କବିଭାଗ୍ୟରେ ଲେଖାଥାଏ
ଯୁଗରୁ ଯୁଗାନ୍ତର ଯାଏ
ସତ୍ୟ ତ୍ରେତୟା ଦ୍ୱାପର ଅବା
କଳିର ସମକାଳ ଯାଏ
କବି ହିଁ ତ ପ୍ରଜାପତି
ଦ୍ୱିତୀୟ ଈଶ୍ୱର
ତା' ହାତରେ ସୃଜନର
ବୀଜମନ୍ତ୍ର ଓ ମଙ୍ଗଳର
ଶୁଭ ଶଙ୍ଖ ଧ୍ୱନି ଅପେକ୍ଷାରେ।
ଯନ୍ତ୍ରଣାରେ ତ ସାର୍ଥକତା
କବିତା ଲେଖାଯିବା ପାଇଁ ତ
ଅସମୟରେ ଋତୁରାଜର
ପୁଷ୍ପିଳ ଆସର କୋକିଳର
ହୃଦୟ ଚୋରିହେବାର କୁହୁତାନ
ଦୂରାଗତ ବଂଶୀର ସ୍ୱନ
ମଧୁଲୋଭି ଭ୍ରମରର
ପ୍ରେମିଳ ମୁହୂର୍ତ୍ତର ଗୁଣ୍‌ଗୁଣ୍ ଶବ୍ଦ
ପ୍ରକୃତିର ଆବାହନ
କବିତାର ଶୁଭଜନ୍ମ ଲଗ୍ନ
ପ୍ରସୂତୀର ଅନ୍ତିମ ବେଦନା ।
ଦୀର୍ଘଶ୍ୱାସରେ କବି
ଉତ୍ସଲ୍ୟରେ କବିତାର
ଶୁଭ ଜନ୍ମୋତ୍ସବ ।


♥ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣ,
ବାଲେଶ୍ୱର- ୭୫୬ ୧୨୬
ମୋ: ୯୪୩୭୩୭୨୧୬୬


## ଫଟା ରସିକ
### ବୃନ୍ଦାବନ ଦାସ



ଫଟୋସହ
ସୁନ୍ଦରୀଟିଏ, କବିତା ପୋଷ୍ଟ କରୁଥିବ
ଅଥଚ ତାହା କବିତା ହୋଇନଥିବ
ମିଳିବ ହଜାର ଲାଇକିସ୍ ।

ରମାକାନ୍ତ ହୁଅନ୍ତୁ କି ଉମାକାନ୍ତ
ଧନଞ୍ଜୟ କି ସୈରିନ୍ଧ୍ରୀ
ଲାଇକିସ୍ ମରୁଡି
କାଁ' ଭାଁ' କେମିତି ।

ଗଣିହେବନି ଫଟା ରସିକଙ୍କୁ
କେତେ ରଙ୍କଣା ମ !
କାଳେ କୋଣାର୍କ ଗାତ୍ରର କେଉଁ ଅପ୍ସରୀ
ଉର୍ବସୀର
ନଗ୍ନ ସୌନ୍ଦର୍ଯ୍ୟର ବିଜ୍ଞ ଉପାସକ !

କବିତା ଛାଡ ଫଟୋ ବି ଛାଡ
ସ୍ୱାଗତମ୍ ସ୍ୱାଗତମ୍...
କବିତା ଖୋଜିବନି ଉପକ୍ରମଣିକା
କବିତା ବାନ୍ଧୁ ଭାବବଂଧନରେ
ମଣିଷକୁ ଜୋର କରି ।

ସଜେଇ ସାଜେଇ
ନିଜକୁ ଛାଡ ବଜାରକୁ କବିତା ସହ
ଚଳିବ..ଚଳିବ...
ଶବ୍ଦକୁ ଶବ୍ଦ ଯୋଡି ଛାଡ ଅକବିତା
ରାତାରାତି କବୀ ବନିଯିବାର
ଦୁର୍ବାର ଲକ୍ଷ୍ୟରେ...ତଥାପି ଚଳିବ ।

ହେଲେ ମୋଟେ ନପଢି ନବୁଝି
ହଜାର ଲାଇକସ୍ ସହ
ଭେରି ନାଇସ୍ ବିଉଟିଫୁଲ ବହୁତ ଭଲ
କହିବାଟା ଆଦୌ ଭଲନୁହେଁ ।

ଫଟା ରସିକର ଓଠରେ କାଳେକାଳେ ତ'
ବୋହୁଥାଏ ଲାଳ ଥପଥପ
ମୁଖ ପୁସ୍ତିକାରେ
ଚିହ୍ନ ତାଙ୍କ ନାଡି ନକ୍ଷତ୍ରକୁ ।

ଆଉ ସୁନ୍ଦରୀ ...!!
ନିଜ ଫଟୋ ଛାଡୁଥିବ
ଅଧିକ ସଜେଇ ସାଜେଇ
ତା' କବିତା ଅପେକ୍ଷା କେତେଗୁଣ ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
ମୋ- ୯୭୭୭୮୪୩୦୩୧


## କାଗଜ ଡ଼ଙ୍ଗା
### ଦୀପକ କୁମାର ମିଶ୍ର



ଭଙ୍ଗା କାଗଜରେ ବିନା ଆହୁଲାରେ
ଭାସି ଭାସି ମୁଁ ଯାଏ
କ୍ଷୀଣ ସୁଅର ଭରସା ଢେଉରେ
ନିଜେ ବାହି ବହିଯାଏ
ନାଉରିଆର କେବେ ଦେଖା ନମିଳଇ
କୂଳ ଛାଡିଲା ପହରୁ
ସେପାଖ କୂଳରେ କେବେ ପହଁଞ୍ଚିବି ମୁଁ
ଭାଗ୍ୟକୁ ପଚାରୁଥାଏ ।

ଖେଳ ଖେଳର ମଉଜ ଭିତରେ
ଜୀବନ ମୋ କଟିଯାଏ
ବତୁରା ଶରୀର ଅଳ୍ପ ସମୟରେ
ଭେଦି ଭେଦି ବୁଡ଼ିଯାଏ
ଲେଖନୀ ମୁନର ଛାର ଉପମା ମୁଁ
ଜୀବନେ ମହତ୍ତ୍ୱ ନଥାଏ
ସ୍ୱଳ୍ପ ଜୀବନର ଅଳ୍ପ ଗଳ୍ପ ମୁଁ
ଆରମ୍ଭ ହେଉହେଉ ସରିଯାଏ ।

ହେଉ ପଛେ ମୋର ସ୍ୱଳପ ଜୀବନ
ଛାପଟିଏ ଛାଡ଼ିଯାଏ
ପିଲାଙ୍କ ହାତରେ ତିଆରି ହୋଇ ମୁଁ
ଜୀବନର ଗାଥା ଗାଏ
ବ୍ୟସ୍ତ ଚିନ୍ତନର କ୍ଷଣିକ ବିରାମେ
ଦର୍ଶନର କଛି ଛନ୍ଦ ଭରିଦେଇଯାଏ ।


♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ବର୍ଷା ରାଣୀ !
### ଗୋପାଳ ଶବର



ମେଘକୁ ଚିଠି ଲେଖି ଦେଲ ବରଷିବା ପାଇଁ,
ଫେରିବା ବାଟକୁ ଚାହିଁଛ ସେହି ଚିଠି ମିଳିଲା କି ନାହିଁ ।

ସପନରେ କଥା ଯେବେ ପଚାରେ,
କହୁଥାଏ ଭୁଲି ଯାଇଛି ବୋଲି ମିଛ ହଜାରେ ।

ଆସିଥାଏ ମେଘ ଗୀତ ଗାଇ ଗାଇକା,
ସେ ଗୀତ ଶୁଣି ବର୍ଷା ଖୁସି ହୁଏ ଅଧିକା ।

ସେହି ମେଘ ଉଡ଼େଇ ନିଏ ଦକ୍ଷିଣା ପବନ ଆସୁଛି କାହିଁ,
ଛଟପଟ ହୁଏ ବର୍ଷା ବରଷିବା ପାଇଁ ।

ସୁନ୍ଦର ଦିଶଇ ସେହି ସମୟରେ ଆକାଶର ଦୃଶ୍ୟ,
ସାଗର କାନରେ ସବୁ ପଡ଼ିଥାଏ ବାର୍ତ୍ତାଳାପର ଦୃଶ୍ୟ ।

କଳାହାଣ୍ଡିଆ ମେଘ ଦେଖି ମୟୂର ହସି ନାଚେ,
ସୁମଧୁର ରାବ ଶୁଣି ବର୍ଷା କାହିଁ ଅଟକିଚ ।

ରିମ୍ ଝିମ୍ ସେହି ଅଦିନିଆ ବର୍ଷା ରାତି,
ମିଠା ଭରା ସ୍ୱପ୍ନର ପ୍ରେମ ପଠେଇ ଦେଇଛି ।

ଚାହିଁ ବସିଛନ୍ତି ବିଲୁଆ ନନା ବର୍ଷା ଅପେକ୍ଷାରେ,
ପହଞ୍ଚି ଗଲେଣି ଅତିଥି ମଣ୍ଡପ ଅଗଣାରେ ।

ରାବୁ ଥାଏ ବସି ବେଙ୍ଗୁଲି ନାନୀ,
ପାଉଁଜି ଶବଦେ କମ୍ପେ ବ୍ରହ୍ମାଣ୍ଡ ବର୍ଷା ରାଣୀ ।

ମେଘ ଗରଜି ଆସେ ଘଡ଼ିକି ଘଡ଼ି,
ବିଜୁଳି ଆଲୋକ ମାରେ ଦେଖିଥିବ ଘଡ଼ି ।

ବର୍ଷା ଆସିଥାଏ ଡେଇଁ ଡେଇଁ କା,
ସ୍ୱାଗତ କରିବ ଏହି ଧରଣୀ ମାତା ।

ଭିଜେଇ ଦେଲ ପ୍ରେମର ବର୍ଷା,
ସେହି ଭିଜା ସକାଳର ରାଣୀ ତମେ ହିଁ ବର୍ଷା ।


♥ ଦ୍ୱିତୀୟ ବର୍ଷ, ସ୍ନାତକୋତ୍ତର ଭୂଗୋଳ ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୭୩୨୮୮୯୮୦୭୫


## ପ୍ରିୟା ପାଇଁ ପଦେ
### ଡକ୍ଟର ଲକ୍ଷ୍ମଣ ସାହୁ



ଆଜି ଅଛି ପ୍ରିୟା କାଲି କି ନଥିବି
ଥିବ ଯଦି ଚିତ୍ରପଟ୍ଟ
ସାଇତି ରଖିବ ଟିକେ ଶରଧାରେ
ନରଖି ମନେ କପଟ ।

ମରଣ ଦୁଆରେ ଶୋଇଥିବି ଯଦି
ଆସି ଟିକେ ଚାହିଁ ଦେବ
ଘୃଣା ଥିଲେ ମନେ କଥା ନ କହିବ
ଅପବାଦ ପଛେ ଦେବ ।

ସାତ ଜନମକୁ ସାଥି ହେବାପାଇଁ
ଦେଇଥିଲେ ସିନା କଥା
ଗୋଟିଏ ଜନମ କୋଟିଏ ମରଣ
ଦେଲାଣି ଦାରୁଣ ବ୍ୟଥା ।

ଅଗ୍ନି ସାକ୍ଷୀ ଆମ ଅଗ୍ନିରେ ଲିଭିଲା
ସାତ ଘେରା ଛନ୍ଦି ଦେଲା
କଉଡିର ଖେଳ ଗୋପନେ ରହିଲା
ରାତି କି ବଇରୀ ହେଲା ।

ଲାଲପାଟ ପିନ୍ଧି ଆସିଥିଲ ତମେ
ମଥାରେ ସିନ୍ଦୂର ନାଇ
ରୁଣୁଝୁଣୁ ତମ ଚାଲି ଶୁଭୁଥିଲା
ଆନନ୍ଦେ ଥିଲି ମୁଁ ଶୋଇ ।

ଗହମ ନିଦରେ ଶୋଇଥାଏ ଯଦି
ସପନରେ ଦେଖୁଥାଏ
ପାଖେ ଅଛ ବୋଲି କେତେ ଶରଧାରେ
ନାନା ବାୟା ଗୀତ ଗାଏ ।

ପର କଲ ବୋଲି କରୁନାହିଁ ଦୁଃଖ
କିଏ ତମ ଆପଣାର
ଜାଣିବାରେ ମୋର ନଥାଉ ସରାଗ
ସବୁ ଜନମେ ସେ ତମର ।

ଯେଉଁଠି ଥାଏ ମୁଁ ଯେମିତି ଥାଏ ମୁଁ
ଖୋଜୁଥିବି ମନେ ମନେ
ଭଲ ପାଏ ବୋଲି ଘୃଣା ପଛେ ଦିଅ
ପାଶେ ଥିଲ ତମେ ଦିନେ ।

ସବୁ ଯନ୍ତ୍ରଣାରୁ ମୁକ୍ତି ମିଳିଯିବ
ତମ ହସ ଥରେ ଦେଖି
ଦେଇ ନାହିଁ ଯାହା ଦେଲା କିଏ ଯଦି
ଦେଖି ହେବି ମହା ସୁଖୀ ।

କା'ର ହାତ ଧରି ଚାଲିଯାଉଥିବ
ପଛେ ହୋଇଥିବି ଠିଆ
ନୟନର ଅଶ୍ରୁ ନିତି ପୋଛୁଥିବି
ନଦେଖୁ ମିଛ ଦୁନିଆ ।


♥ ତାରା ନିଳୟ
ପ୍ଲଟ ନଂ- ୮୫୪/ ଏ, ଚାଚରା ଶବରସାହି
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା- ୭୫୩୦୦୫୫
ମୋ: ୯୦୪୦ ୧୫୧୪ ୭୫


## ଆସିଛି ଶ୍ରାବଣ
### ପୁଷ୍ପାଞ୍ଜଳି ମିଶ୍ର



ବରଷକେ ଥରେ
ଆସରେ କାଉଡି ଭାଇ
ଶ୍ରାବଣରେ ପାଣି
ପାଣି ଭାର ଧରି
ଆଗେଇ ଯିବାରେ ଆମେ
ସବୁ ମନସ୍କାମନା
ହୋଇବ ପୂର୍ଣ୍ଣ
ଶିବ ଦେଲେ ଟିକେ ବର ଦାନ
ହେଉ ଯେତେ ମେଘ
ଝଡ ବତାସ
ମନରେ ସାହାସ
ବାନ୍ଧି ଚାଲିବା
ରାତି ଦିନ ଖାଲି
ପାଦରେ ଚାଲି
ଡର ଭୟ ସବୁ
ଯିବାତ ଭୁଲି
କାଉଡି ବାଲା ଭାର କାନ୍ଧେଇ
ତୁଣ୍ଡରେ ଧରି
ଶିବ ପଞ୍ଚାକ୍ଷର
ଆମେ ଯିବା ଘରୁ ବାହାରି
ନଦୀରେ ଯାଇ ଭାରକୁ ଥୋଇ
ପୂଜା କରି
ପାଣି ବୁଡେଇ
ସାଥେ ବେଲପତ୍ର
ଭୋଗକୁ ଧରି
ପାଣି ଭାର ଧରି ଯିବା ବାହୁଡି
ସକାଳୁ ସକାଳୁ ଶିବ ମନ୍ଦିରେ
ଶିବଙ୍କ ମଥାରେ
ଢାଳିବା ପାଣି
ତାଙ୍କ ଦରଶନେ ହୋଇବା ଧନ୍ୟ
ଭୁଲି ଯିବା ସବୁ
ହିଂସା ରାଗ ଦ୍ୱେଷ
ଭାଇ ଭାଇ ହୋଇ ଶପଥ ନେବା
ଆସ ଆଜି ଏଇ ଶ୍ରାବଣ ମାସେ ।


♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧


## ମୁଁ ତୁମ ଶ୍ରାବଣୀ
### ପ୍ରତିଭା ସାହୁ



ଝିପି ଝିପି ମେଘେ ମତୁଆଲା ମନ
ବରଷା ଗାଉଛି ଗୀତ
ସଙ୍ଗୀତର ସୁରେ ହଜିଯିବା ଆମେ
ଆ'ରେ ମୋ ମନର ମିତ ।

ଶିଥିଳତା ଭରା ସାରା ଏ ଅଙ୍ଗନେ
ଫୁଲେ ମଧୁପ ଗୁଞ୍ଜନ
ଶ୍ୟାମଳିମା ଧରା ହସି ଉଠୁଅଛି
ଦୂରୁ ଶୁଭେ ବଂଶୀ ସ୍ୱନ ।

ଅସରା ଆଶାର ସପନକୁ ନେଇ
ମନ୍ଦାକିନୀ ଉଠେ ଚେଇଁ
ପହିଲି ପ୍ରୀତିର ଛୁଆଁରେ ବିଭୋର
ପ୍ରେମ ନୀରେ ଦିଅ ଭିଜାଇ ।

ସ୍ମୃତି ଜୁଡୁବୁଡୁ ସାଇତା ସ୍ମୃତିକୁ
କହିଦେ ସାଥିରେ ଆଜି
ସାକ୍ଷୀ ରହିଲା ଏ ଶ୍ରାବଣର ରାତି
ତୁମ କଥାରେ ହେବି ରାଜି ।

ଆଖିରେ ଆଖିଏ ସପନ ଦେଇଛ
ଓଠେ ମୋର ହସ ଭରି
ତୁମ ଆଖି ପରା ନିଜଠୁ ନିଜର
ଭୁଲିବିନି କେବେ ପାରି ।

ମନ ଉପବନେ ଆଖି ଆଇନାରେ
ମୁଁ ତୁମ ସେଇ ଶ୍ରାବଣୀ
ଅଧିର ମଧୁର ସୁର ତାଳ ଲୟ
ପାରୁନ କି ତାକୁ ଜାଣି ।


♥ ବଇଣ୍ଡା, ହାଇସ୍କୁଲ ରୋଡ୍
(ଅନୁଗୋଳ)
ମୋ: ୭୦୦୮୨୩୬୯୯୧


## ମରୀଚିକା ପଥେ...
### ଶୁଭଦର୍ଶିନୀ ଦାଶ



ମୁଁ ଆଉ ମୁଁତ୍ୱ ର ବଳ କଷାକଷିରେ
ଦିଗହରା ହୋଇଛି ଯେ ଆତ୍ମନ.......
ମରୀଚିକା ପଛରେ ଧାଇଁଧାଇଁ
ସେ ପହଁଞ୍ଚି ଯାଇଛି
କେଉଁ ନିର୍ଜନ ମରୁର
ବାଲୁକା ସ୍ତୁପର ପାଶେ
ନା ଅଛି ସେଠି ପ୍ରୀତିର ଝରଣା
ନା ମୌସୁମୀର ଶୀତଳ ସ୍ପର୍ଶ
ଚାରିଆଡେ ଖାଲି ମାୟା ମରୀଚିକାର
ସେ ଝଲମଲ ଦୃଶ୍ୟ ।

ଯୌବନକୁ ଯେବେ ମାଡ଼ିବସିଲା
ଅହଂ ଔଦ୍ଧତ୍ୟତାର
ବାସ୍ତବତା ଠାରୁ କୋଷ ଦୂରେ
ମନ ନାଚେ ହୋଇ ଅବୋଲକରା
ଆଉ ବୋଲ ସେ ତ ମାନେନାହିଁ
ନିଜେ ବିଛାଇଲି ଅହଂର ଚାଦର
ନିଜ ଚଲାବାଟ ପଥ ଧାରେ
ଏମିତି ଚାଇଛି ମୋ ଜୀବନ ଆକାଶେ
ଜୀବନ ମୋ ଏବେ ଅମା ଅନ୍ଧକାରେ
ଛାଡି ଚାଲିଗଲେ ସବୁ ପ୍ରିୟଜନ
ଏବେ ଖାଲି ଅପେକ୍ଷାରେ
କେବେ ଛାଡି ଚାଲିଯିବ ମୋ ଠାରୁ ମୋ ଛାଇ
ଲାଗୁଛି ଏପରି ବଞ୍ଚୁଛି ମୁଁ ଯେ
ଭିନ୍ନ ଏକ ପୃଥିବୀରେ
ନିଜ ଠାରୁ ନିଜେ ଆପହଞ୍ଚ ଦୂରତାରେ ।


♥ ଭୁବନେଶ୍ୱର


## ମରୁଭୂମିରେ ବର୍ଷା
### ଭବାନୀ ଶଙ୍କର ନାୟକ



ଦିନେ ମରୁଭୂମିରେ
ଝୋ ଝୋ ବର୍ଷା ହୁଏ,
ବର୍ଷା ଧାର ଆଲୋକରେ
ହୀରା ପରି ଚମକେ
ମୋ ଆଖି ଦ୍ୱୟର ଯବକାଚ,
ଦଲକାଏ ଥଣ୍ଡା ପବନରେ
ଓଠରେ ମୋ ଖେଳିଯାଏ
ଧାରେ ବିଜୁଳିର ହସ ।

ମୁଁ ଖୋଜେ.....
କାହିଁ ସେ
ପାଦକୁ ଫୋଟକା
କରିଦେଉଥିବା ଢ଼ହ ଢ଼ହ
ଅଙ୍ଗାରର ତାତି,
ଗଳାରେ ମୋ କଣ୍ଟା ପରି
ଫୋଡ଼ି ହେଉଥିବା
ମରୀଚିକାର ଶୋଷ,
ମୋ ଉପରକୁ
ସହସ୍ର ତୀକ୍ଷ୍ଣ ଛୁରିକା
ଫୋପାଡୁଥିବା ଆକାଶ,
ସମସ୍ତେ ଯେମିତି
ଅଜ୍ଞାତବାସରେ
ଦୂର ପାହାଡ଼ ସେପାଖେ
ବର୍ଷାର ନିଷ୍ଠୁର
ଚାବୁକ୍ ପ୍ରହାରରେ ।

କିଛି ସମୟ ପରେ
ବର୍ଷା ଥମିଯିବ
ପୁଣି ତାତି ଉଠିବ
ପାରଦର ସୂର୍ଯ୍ୟ ଓ
ମୋ କହରା କେଶ,
ଶୋଷରେ ମୁଁ
ଢୋକି ଯାଉଥିବି
ପିଆଲା ପିଆଲା
ସଫେଦ୍ ବାଲିର ସରବତ୍,
ଆକାଶର ଛୁରିକା ମାଡ଼ରେ
ଛାତିରୁ ମୋ ବୋହି ଯାଉଥିବ
ତମାମ୍ ଦରଜ
ନାଲି ରଙ୍ଗ ହୋଇ ।

ହେଲେ ମୋର ଆଉ
ଡ଼ରିବାର ନାହିଁ
ମୁଁ ଜାଣେ
ବର୍ଷା ଆଗରେ
କେତେ ନାଚାର ସେମାନେ ।


♥ ଲାଡ଼ୁ, କୁଚିଣ୍ଡା, ସମ୍ବଲପୁର
ମୋ- ୯୯୩୮୩୪୪୬୮୧


## ଅଧିକାର
### ମଞ୍ଜୁ ରାଣୀ ବେହେରା



କେଉଁ ଅଧିକାର କଥା ତୁମେ କହୁଛ ?
ସଭ୍ୟତାର ଆରମ୍ଭରୁ ତ ମୁଁ ପରାଧୀନ
ସ୍ୱାଧୀନତାର ଡେଣା କାଟି ମୁକ୍ତି ଦେବା
ମୋ ପାଇଁ ମାତ୍ର ଏକ ପ୍ରହସନ।

କେବେ ପ୍ରଥା ପରମ୍ପରାର
ଶିକୁଳିରେ ଛନ୍ଦି ଦିଅ
କେବେ ଅବହେଳିତ, ନିଷ୍ପେସିତ
ଲାଞ୍ଛନାର ଦାଗ ଦିଅ।
ଚାରିକାନ୍ଥ ଭିତରେ ବନ୍ଦିନୀ ସଜେଇ
ସର୍ବୋଚ୍ଚ ଆସନରେ ବସା ବୋଲି
ଢେଙ୍ଗୁରା ବଜାଅ।

ତୁମ ପୌରୁଷତ୍ୱ ପାଇଁ
ବିଚ୍ ବଜାରରେ ନିଲାମ ହୁଏ
ନିଜ ଅଭିମାନ ସ୍ୱାଭିମାନକୁ ନେଇ
ବିଦ୍ରୋହର ବହ୍ନିରେ
ମୁଁ ଏକା ଜଳିଯାଏ।

ଈଶ୍ୱରଙ୍କ ଅତୁଳନୀୟ ସୃଷ୍ଟି କହି
ମୋତେ ଦେବୀ ସଜାଅ
ଅନ୍ୟାୟ ଅତ୍ୟାଚାରର ନୈବେଦ୍ୟ ଦେଇ
ସର୍ବଂସହାର ନାମ ଦିଅ।

ଓଃ ମୁଁ ତ କେବଳ ମୂର୍ତ୍ତିରେ ସୀମିତ !
କୁରୁସଭାରେ ଦ୍ରୌପଦୀ
ସେଦିନ ବି ଅସହାୟ ଥିଲେ,
ବୋଧହୁଏ ରହିବେ
ଯୁଗାନ୍ତ ପର୍ଯ୍ୟନ୍ତ।

କାହିଁକି ଏ ସଂଘର୍ଷ ନିଜ ପାଇଁ ?
ଏନ୍ତୁଡ଼ିରୁ ଜୁଇ ଯାଏଁ
ଅହରହ ବଞ୍ଚେ
ଅଣନିଃଶ୍ୱାସୀ ହୋଇ।

ମୋ ପାଇଁ ମହାଭାରତ
ମୋ ପାଇଁ ରାମାୟଣ
ମୋ ପାଇଁ ଆଇନ
ମୋ ପାଇଁ ଶାସନ
ହେଲେ ମୋ ଅସ୍ତିତ୍ୱ କେଉଁଠି କୁହ ?

ପାରୁଛ ଯଦି ଛଡେଇ ନିଅ
ଏ ଦେବୀତ୍ୱ ମୋ ଠାରୁ
କିଛି କ୍ଷଣ ମାନବୀ ହୋଇ
ମୋତେ ନିଜ ପାଇଁ ବଞ୍ଚିବାର
ଅଧିକାର ଦିଅ।


♥ ମେଣ୍ଡା, ସୁବର୍ଣ୍ଣପୁର


## ଅଶ୍ରୁକୁ ମୁଁ ଭଲପାଏ
### ଶ୍ରୀମତୀ ପାର୍ବତୀ ମହାପାତ୍ର



ଭଲ ପାଇବାର ଆଦିମନ୍ତ୍ର ତୁମେ
ମନ ଗହନର ସାଥୀ
ହତାଶାର ବାଲିବନ୍ଧ ଡେଇଁ ଆସ
କରିବାକୁ ଦୁଃଖ ଇତି ।

ତୁମେ ପରା ଅଶ୍ରୁ, ଅଶାନ୍ତ ମନର
ଛୋଟିଆ ସାନ୍ତ୍ୱନାଟିଏ
ଟୋପେ ଲୁହ ଧାରେ ସ୍ନେହ ଭରିଦିଏ
ଚିହ୍ନିବା ସମ୍ଭବ ନୁହେଁ ।

ମମତା ମୟୀ ମାଆର ଯେ ତୁମେ
ଆହା ପଦଟିଏ ଅଟ
ଖଣ୍ଡ ବିଖଣ୍ଡିତ ହୃଦୟରେ କେବେ
ଦିଅ ମଲମର ଲେପ ।

ରୋଗ ଯନ୍ତ୍ରଣାର ମହୌଷଧି ତୁମେ
ଈଶ୍ୱର ପାଲଟି ଯାଅ
ଦିଗହରା ପଥିକର ପାର୍ଶ୍ୱପଥ ହୋଇ
ବାଟ ଯେ ଦେଖାଅ ।

ପ୍ରିୟ ପରିଜନ ଜିଏ ଗଲେ ଛାଡି
ତୁମେ ଛାଡି ଯାଅ ନାହିଁ
ତେଣୁ ହେ ଅଶ୍ରୁ ମୋ ହୃଦ ପରିଧିରେ
ଭଲ ପାଏ ସଦା ମୁହିଁ ।


♥ ଶିକ୍ଷୟିତ୍ରୀ, ପ୍ରହରାଜପୁର, ପୁରୀ
ମୋ-୯୫୮୩୪୫୭୪୭୧

# ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧/୦୮ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଆଜି ପୂର୍ବାହ୍ଣରେ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧ୍ୟକ୍ଷ, ଅଧ୍ୟକ୍ଷା, କମ୍ପ୍ୟୁଟର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଏକ ଦିନିକିଆ ଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାଶ କହିଲେ ଯେ, ଅଧ୍ୟକ୍ଷ, ଅଧ୍ୟକ୍ଷା, ଶିକ୍ଷକ, ଶିକ୍ଷୟତ୍ରୀମାନେ ହେଉଛନ୍ତି ଏକ ନୂତନ ଯୁଗର ବାର୍ତାବହ ଏବଂ ଭବିଷ୍ୟତ ପିଢ଼ି ପାଇଁ ନୂତନ ସନ୍ଦେଶର ଆବାହକ । ସେମାନଙ୍କର ବୌଦ୍ଧିକ ଚିନ୍ତାଧାରା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ଆଶାବ୍ୟକ୍ତ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନକୁ ପାଥେୟ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ତଥା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱ ଦରବାରରେ ବଳିଷ୍ଠ ଭାବେ ଉପସ୍ଥାପନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ଦାଶ କହିଲେ ଯେ, ଓଡିଶା ଆଦର୍ଶ ବିଦ୍ୟାଳୟ '୫'ଟି ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏବଂ ଏହି ଅଭିନବ ଯୋଜନାର ଆପଣମାନେ ହେଉଛନ୍ତି ସାରଥୀ । ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଗ୍ରଣୀ କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ସ୍ୱାକ୍ଷର ବହନ କରିଛି ଓଡିଶା ଆଦର୍ଶ ବିଦ୍ୟାଳୟ । ଏହି ଯୋଜନାକୁ ସାକାର କରିବାକୁ ମନ୍ତ୍ରୀ ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ । ଏହି ଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଶ୍ରୀ ଉପେନ୍ଦ୍ର ତ୍ରିପାଠୀ, ଓଡିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ଶ୍ରମତୀ ବନ୍ଦନା ମହାପାତ୍ରଙ୍କ ସମେତ ବିଭାଗର ବରିଷ୍ଠ ପଦାଧିକାରୀ, ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା,ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥଲେ ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ

କେନ୍ଦ୍ରାପଡ଼ା,୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଆଂଚଳିତ ଅବସର ପ୍ରାପ୍ତ ସରକାରୀ ସଂଘ ବାଲିଆ ତରଫରୁ ମେଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ସମାରୋହରେ ସମ୍ମାନିତ କରାଯାଇଛି । ସଂଘର ସଭାପତି ବ୍ରଜସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଜି ଆୟୋଜିତ ଏକ ସମାରୋହରେ ସରପଂଚ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତି ସଭ୍ୟ ପ୍ରମିଳା ମିଶ୍ର, ପେନଶନ ଆସୋସିଏସନର ସଂପାଦକ ହେମନ୍ତ କୁମାର ଜେନା, ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମଲ୍ଲ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀ ଅନୁସୟା ବିଶ୍ୱାଳ, ରାଜମୋହନ ସାହୁ, ମୋନାଲିସା ଦାସ, ପ୍ରାଚୀ ପରମିତା ସାହୁ, ସାଗରିକା ମଲିକ, ଅନ୍ୟନ୍ୟା ରାଉତ, ଅର୍ପିତା ସ୍ୱାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ସଂଘର ସଂପାଦକ ବାନାମ୍ବର ସାହୁ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିବ ପ୍ରସାଦ ସାହୁ, ଦେବକୀ ନନ୍ଦିନୀ ମିଶ୍ର, ମଦନ ମୋହନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ବୀମାରାଶି ବୃଦ୍ଧି ଦାବିରେ ଆନ୍ଦୋଳନ ଡ଼ାକରା

ଭୁବନେଶ୍ୱର,୧/୦୮ (ନି.ପ୍ର): ଭୁବନେଶ୍ୱରସ୍ଥିତ ଓ.ୟୁ.ଜେ ଭବନଠାରେ ଆଜି ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ କର୍ମକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଓ.ୟୁ.ଜେ. ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି । ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଛାଡ଼ି ଗଣମାଧ୍ୟମ ଯେଉଁଭଳି ଗୁରୁତ୍ୱହୀନ ପ୍ରସଙ୍ଗ ପଛରେ ଧାଇଁଛି, ଏଥିନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । କାହାର ବ୍ୟକ୍ତିଗତ ସ୍ୱାଧୀନତାରେ ହସ୍ତକ୍ଷେପ ନକରି ସାମ୍ବାଦିକ ଓ ଗଣମାଧ୍ୟମ ଲକ୍ଷ୍ମଣରେଖା ପରିଧିରେ ରହି କାର୍ଯ୍ୟ କରିବା ଉଚିତ୍ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ଏହି ଆଲୋଚନାରେ ମୁଖ୍ୟତଃ ସାମ୍ବାଦିକମାନଙ୍କ ବୀମା ରାଶି ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ମାସିକ ୨୦ ହଜାର ଟଙ୍କା ପେନସନ ଦେବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖାଯାଇଛି । ଏଥିସହିତ ରାଜ୍ୟର ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଥିବାରୁ ତୁରନ୍ତ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ବୈଠକରେ ଦାବି କରାଯାଇଛି । ଏହି ଦାବି ନେଇ ଓ.ୟୁ.ଜେ ଗତ ମାସରେ ଗୁଣୁପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା ।

ରାଜ୍ୟ ସରକାର ତୁରନ୍ତ ଏହି ଦାବି ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଆସନ୍ତା ଦିନରେ ଓ.ୟୁ.ଜେ ସାରା ଓଡ଼ିଶାରେ ସମଗ୍ର ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭୁବନେଶ୍ୱରଠାରେ ଏକ ବିଶାଳ ଆନ୍ଦୋଳନ କରିବାକୁ ନିଷ୍ପତି ହୋଇଛି । ଏହି ବୈଠକରେ ଓ.ୟୁ.ଜେ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ, ଉପସଭାପତି କିଶାନ ରାଉତ, ରାଜେଶ ପଟ୍ଟନାୟକ, ସମ୍ପାଦକ ପ୍ରସନ୍ନ ପାଇକରାୟ, କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ସୁଧାଂଶୁ ଶେଖର ପରିଡ଼ା, ସଂଗଠନ ସମ୍ପାଦକ ଦୀପକ ଶତପଥୀ, ବିଜୟ ସାହୁ, ପୂର୍ବତନ ସଭାପତି ପ୍ରକାଶ ପାଣିଗ୍ରାହୀ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ଆଗ୍ଯର୍ଯ୍ୟ ବିଶ୍ୱରଞ୍ଜନ, ବିରଷ୍ଠ ସାମ୍ବାଦିକ ଆଦିତ୍ୟ ମେକାପ, କ୍ଷେତ୍ରବାସୀ ମହାକୁଡ଼, ପ୍ରମୋଦ ସାମନ୍ତରାୟ ଓ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବେଙ୍ଗାଲୁରୁଠାରେ ଓଡ଼ିଶାର ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧/୦୮ (ନି.ପ୍ର): ବେଙ୍ଗାଲୁରୁର କର୍ଣ୍ଣାଟକ ଚିତ୍ରକଳା ପରିଷଦ ଆର୍ଟ ଗ୍ୟାଲେରୀ ଠାରେ ଓଡ଼ିଶାର ପ୍ରସିଦ୍ଧ ଆଦିବାସୀ (ସଉରା) ଚିତ୍ରକଳାର ପ୍ରଦର୍ଶନୀକୁ ଆଜି ଅପରାହ୍ଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଛନ୍ତି । ପ୍ରଦର୍ଶନୀ ଉଦଘାଟନ ଉତ୍ସବରେ ଯୋଗଦାନ କରି ମନ୍ତ୍ରୀ ଶ୍ରୀ ପାତ୍ର ଆମର କଳା ଓ ସ୍ଥାପତ୍ୟକୁ ନେଇ କିପରି ଶିଳ୍ପୀମାନେ ଭାରତର ପ୍ରମୁଖ ସହରମାନଙ୍କରେ ପ୍ରଦର୍ଶନୀ କରି ନିଜକୁ ପ୍ରତିଷ୍ଠିତ କରିପାରିବେ, ତାହା ପ୍ରକାଶ କରିଥିଲେ । ଏଥି ସହିତ ଓଡ଼ିଶା ଲଳିତ କଳା ଏକାଡ଼େମୀର ଏଭଳି ପ୍ରୟାସକୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢୀ, କର୍ଣ୍ଣାଟକ କନ୍ନଡ ସଂସ୍କୃତି ବିଭାଗର ସଚିବ ଡଃ.ଏନ.ମଞ୍ଜୁଳା, ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ କର୍ଣ୍ଣାଟକ ଲଳିତ କଳା ଏକାଡ଼େମୀର ସଭାପତି ଡି.ମହେନ୍ଦ୍ର ପ୍ରମୁଖ ଶିଳ୍ପୀମାନଙ୍କ ଚିତ୍ରକଳାକୁ ଅବଲୋଚନ କରିବା ସହ ସେଥିରେ ଆଦିବାସୀ ଜନଜାତି ସଂସ୍କୃତି, ଫସଲ ଅମଳ, ନାଚ ଗୀତ, ପୂଜା ପାର୍ବଣ ଆଦି ବିଷୟ ବସ୍ତୁ ସବୁ ଖୁବ୍ ମର୍ମସ୍ପର୍ଶୀ ହୋଇଛି ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଏକାଡ଼େମୀର ସଚିବ ତଥା ଚିତ୍ରଶିଳ୍ପୀ ପଂଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉକ୍ତ ପ୍ରଦର୍ଶନୀ ଦ୍ୱାରା ଶିଳ୍ପୀମାନେ କାନଭାସ ଉପରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ବୋଲି କହିଥିଲେ । ପ୍ରକାଶ ଥାଉକି, ଗତ ଜୁଲାଇ ୨୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଆଦିବାସୀ ଚିତ୍ରକଳା ଶିବିରରେ ୪ ଦିନ ଧରି ଅଙ୍କନ କରିଥିବା ଚିତ୍ରଗୁଡିକୁ ନେଇ ଆୟୋଜିତ ଏହି ପ୍ରଦର୍ଶନୀହୋଇଥିଲା । ଓଡିଶାରୁ ଆସିଥିବା ୨୫ ଜଣ ଆଦିବାସୀ ଶିଳ୍ପୀ ଏଠାକାର ପ୍ରଦର୍ଶନୀ ଗୃହ ଓ ଆର୍ଟ ମିଉଜିୟମ ଦେଖିବା ସହ ଅନ୍ୟ ସ୍ଥାନମାନଦେଖିଥିଲେ । ଏହି ପ୍ରଦର୍ଶନୀ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ ।

# 'ମନ୍ କି ବାତ୍' କାର୍ଯ୍ୟକ୍ରମ ବାସ୍ତବରେ ପ୍ରେରଣାଦାୟୀ : ସମୀର ମହାନ୍ତି

ଭୁବନେଶ୍ୱର ,୧/୦୮ (ନି.ପ୍ର): 'ମନ କି ବାତ୍' କାର୍ଯ୍ୟକ୍ରମରେ ୯୧ତମ ସଂସ୍କରଣରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ଦେଶବାସିଙ୍କୁ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସାଧାରଣ ଲୋକଙ୍କ ଜୀବନି, କଥା, କାର୍ଯ୍ୟ ଆଦିକୁ ପ୍ରକାଶ କରିଥାନ୍ତି, ଯାହାକି ବାସ୍ତବରେ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଭୁବନେଶ୍ୱରର ଭିଏସଏସ ନଗରଠାରେ ସ୍ଥାନୀୟ ବାସିନ୍ଦା ଏବଂ କାର୍ଯ୍ୟକର୍ତାଙ୍କ ଗହଣରେ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଛନ୍ତି । ବସୁଦୈବ କୁଟୁମ୍ବକମ୍ ବିଚାରଧାରାକୁ ଆଧାର କରି ଭାରତୀୟ ଜନତା ପାର୍ଟି କାର୍ଯ୍ୟ କରୁଛି । ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ୍ ସଂଗ୍ରାମୀ ଏବଂ ତାଙ୍କ ଜୀବନଶୈଳୀ ଓ ବିଚାରଧାରାକୁ ଆଜିର ଯୁବ ପୀଢ଼ିଙ୍କୁ ଅବଗତ କରାଇବା ନିହାତି ଆବଶ୍ୟକ । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବାକୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।ଆସନ୍ତା ଅଗଷ୍ଟ ୧୩ ରୁ ୧୫ ପର୍ଯ୍ୟନ୍ତ ତିନି ଦିନ ଧରି 'ହର ଘର ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନକୁ ସଫଳ କରିବା ସହ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିଜ "ଡିପି" / 'ଡିସପ୍ଲେ ପିକ୍‌ଚର୍'ରେ ଜାତୀୟ ପତାକାକୁ ରଖିବା ପାଇଁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି । ଆଜି ବିଜେପିର ସମସ୍ତ କାର୍ଯ୍ୟକର୍ତା ଓ ନେତୃବୃନ୍ଦମାନେ ନିଜ ନିଜ ଅଂଚଳରେ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଅର୍ଜୁନ ମୁଣ୍ଡା କେନ୍ଦୁଝରରେ, କେନ୍ଦ୍ରମନ୍ତ୍ରୀ ସ୍ୱାଧୀ ନିରଂଜନା ଜ୍ୟୋତି ଖୋର୍ଦ୍ଧା ଜିଲ୍ଲା ବାଣପୁରଠାରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାଙ୍କ ଗହଣରେ ଶୁଣିଛନ୍ତି ।

# ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାଷୀଙ୍କୁ ମେଣ୍ଢା ପ୍ରଦାନ

କେନ୍ଦ୍ରାପଡ଼ା,୧/୦୮ (ନି.ପ୍ର): କେନ୍ଦ୍ରାପଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଚାଷୀଙ୍କୁ ମେଣ୍ଢା ପାଳନ କରି ନିଜର ପରିବାର ଚଳାଇବା ପାଇଁ ତାଙ୍କୁ ୬ ଗୋଟି ମେଣ୍ଢା ପ୍ରଦାନ କରାଯାଇ ଥିବା ଜଣାପଡ଼ିଛି । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମର ଚାଷୀ ଅକ୍ଷୟ ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ରବିବାର ଆୟୋଜିତ ଏକ ଉତ୍ସବରେ ମେଣ୍ଢା ପ୍ରଦାନ କରାଯାଇ ଥିବା ଜଣାପଡ଼ିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଦମନ ମହାନ୍ତି, ସଂପାଦକ ସୂର୍ଯ୍ୟକାନ୍ତ ପରିଡ଼ା, କେଦାର ସ୍ୱାଇଁ, ଶାନ୍ତନୁ ମଲିକ, ହରିହର ନାୟକ, ବିଭୁ ରଞ୍ଜନ ସାହୁ, ବିନୋଦ ପଣ୍ଡା, ଜୟଦେବ ରାଉତ, କ୍ଷିରୋଦ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିବା ଜଣାପଡ଼ିଛି ।

# ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅନୁମତି ମିଳିଲେ ଆରଏମ୍ଆରସିରେ ହୋଇପାରେ ମଙ୍କିପକ୍ସ ପରୀକ୍ଷା

ଭୁବନେଶ୍ୱର,୧/୦୮ (ନି.ପ୍ର): ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅନୁମତି ମିଳିଲେ ରାଜଧାନୀ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆରଏମ୍ଆରସି)ରେ ମଙ୍କିପକ୍ସ ଟେଷ୍ଟିଂ ହୋଇପାରେ । ଆରଏମ୍ଆରସି ନିର୍ଦ୍ଦେଶିକା ସଂଘମିତ୍ରା ପତି ସୂଚନା ଦେଇଛନ୍ତି । ଶ୍ରୀମତୀ ପତି କହିଛନ୍ତି ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଅଧ୍ୟକ୍ଷତାରେ ଜୁଲାଇ ୩୦ ତାରିଖରେ ଏନେଇ ଏକ ବୈଠକରେ ନିଷ୍ପତି ହୋଇଥିଲା । ଆରଏମଆରସିକୁ ମଙ୍କିପକ୍ସ ଟେଷ୍ଟିଂ ଲ୍ୟାବରେ ସାମିଲ କରିବାକୁ ନିଷ୍ପତି ହୋଇଛି । ଏନେଇ ଆଇସିଏମ୍ଆର, ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଚିଠି ଲେଖି ଅନୁମତି ମାଗିବୁ । ଏନେଇ ରାଜ୍ୟ ସରକାର ଚିଠି କରିବେ । ଅନୁମତି ମିଳିଲେ ଖୁବଶୀଘ୍ର ଆରଏମ୍ଆରସିରେ ପରୀକ୍ଷା ହେବ ।

# ସରସ୍ୱତୀ ଶିଶୁମନ୍ଦିର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ଉଦ୍‌ଘାଟିତ

ବଲାଙ୍ଗିର ,୧/୦୮ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ଶିକ୍ଷାର ଅଗ୍ରଗତି ପାଇଁ ଶିକ୍ଷା ବିକାଶ ସମିତି ଓଡିଶା ଙ୍କ ଯୋଜନା ଅଧୀନରେ ବଲାଙ୍ଗୀରେ ସମ୍ପାଦକ ଓ ପ୍ରଧାନଚାର୍ଯ୍ୟ ବଇଠକର ଉଦଘାଟନି ଉତ୍ସବ ଗତକାଲି ସ୍ୱରସ୍ୱତି ଶିଶୁ ବିଦ୍ୟା ମନ୍ଦିର ପାଟଣାଗଡ ଠାରେ ଅନୁଷ୍ଠିତ ହୋଇଯାଇଛି ! ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ମାଝୀ ଶିକ୍ଷା ବିକାଶ ସମିତି ଉପସଭାପତି ଡ଼. ପ୍ରଦୀପ କୁମାର ସାହୁ ଦକ୍ଷିଣ ପର୍ଶ୍ଚିମ ସମଭାଗ ସମ୍ପାଦକ ଶ୍ରୀ ଗଜାଧର ମହାନ୍ତି ସଂଭାଗ ସଂଯୋଯକ ଶ୍ରୀ. ଜିତେନ୍ଦ୍ର କୁମାର ପଣ୍ଡା ପ୍ରାନ୍ତନିରକ୍ଷକ ଶ୍ରୀ ପ୍ରଶ୍ନ କୁମାର ବିଶ୍ୱାଳ,ସହ ପ୍ରମୁଖ ଲୋହିତ ଗଡ଼ତ୍ୟା,ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର,ସହ ନିରୀକ୍ଷକ ମନୋରଞ୍ଜନ କର ଏବଂ ସ୍ଥାନୀୟ ବିଦ୍ୟାଳଲୟର ସଭାପତି ସାରଙ୍ଗ ଧର ଠାକୁର,ସମ୍ପାଦକ ଦମ୍ବରୁଧର ପାଣିଗ୍ରାହୀ,ପ୍ରଧାନଆଚାର୍ଯ୍ୟ ଓଁଙ୍କାରନାଥ ମେହେର,ଙ୍କ ସହିତ ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ୩୬ ଟି ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୭୦ଜଣ ସମ୍ପାଦକ ଓ଼ ପ୍ରଧାନଚାର୍ଯ୍ୟ ଉପସ୍ଥିତ ରହି ଶିକ୍ଷ୍ୟା ବିକାଶ ପାଇଁ ଓ଼ ବିଭିନ୍ନ ଯୋଜନାର ଆଲୋଚନା କରି ବୈଠକ କୁ ସାଫଲ୍ୟ ମଣ୍ଡିତ କରିଥିଲେ !

# କବି ରଂଜନ କୁମାର ଦାସଙ୍କ ତିନୋଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧/୦୮ (ନି.ପ୍ର): ବିଶିଷ୍ଟ ପ୍ରଶାସକ ଓ ସାହିତ୍ୟିକ ରଂଜନ କୁମାର ଦାସଙ୍କ ରଚିତ ଲଳିତ ନିବନ୍ଧ ସଂକଳନତ୍ରୟ 'ଅସନ୍ତୋଷର ପୃଥିବୀ', 'ଥାଇ ଘୋର ଜଳେଣ' ଏବଂ 'ଶବ୍ଦ ଶସ୍ତ୍ର'ର ଉନ୍ମୋଚନ ଉତ୍ସବ କଟକ ଶାରଳା ଭବନରେ ଗତକାଲି ସନ୍ଧ୍ୟାରେ ଉନ୍ମୋଚନ ହୋଇଯାଇଛି । ଶାରଳା ସାହିତ୍ୟ ସଂସଦର ସଭାପତି ସାହିତ୍ୟିକ ଡଃ ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ପ୍ରାକ୍ତନ ଅତିରିକ୍ତ ମୁଖ୍ୟଶାସନ ସଚିବ ଡଃ ରବି ନାରାୟଣ ସେନାପତି, କଟକ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚୟନୀ, ପ୍ରାବନ୍ଧିକ ଡଃ ବୈଷ୍ଣବ ଚରଣ ମହାନ୍ତି ଏବଂ ନାଟ୍ୟକାର ଡଃ ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚିତ କରିଥିଲେ । ଡକ୍ଟର ସେନାପତି 'ଶବ୍ଦ ଶସ୍ତ୍ର' ପୁସ୍ତକକୁ ଉନ୍ମୋଚିତ କରି ସାମ୍ପ୍ରତିକ ଘଟଣାବଳୀ ଗୁଡ଼ିକୁ ପୁସ୍ତକରେ ନିଛକ ଭାବେ ଚିତ୍ରଣ କରାଯାଇଛି ବୋଲି କହିଥିଲେ । ଜିଲ୍ଲାପାଳ ଡଃ ଚୟନୀ କହିଲେ ଲେଖକ ମନସ୍କ ହେବା ସହିତ ପ୍ରଶାସନିକ କାର୍ଯ୍ୟରେ ରଂଜନ ଦାସ ସଫଳତା ଅର୍ଜନ କରିଛନ୍ତି । ସମ୍ମାନିତ ଅତିଥି ଶ୍ରୀ ମହାନ୍ତି 'ଅସନ୍ତୋଷର ପୃଥିବୀ' ପୁସ୍ତକ ଉନ୍ମୋଚନ କରି ଲେଖକ ଦୈନନ୍ଦିନ ସମାଜରେ ଘଟୁଥିବା ଘଟଣାକୁ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ପୁସ୍ତକରେ ଉପସ୍ଥାପନ କରାଯାଇଛି ବୋଲି ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଡଃ ଶତପଥୀ 'ଥାଇ ଘୋର ଜଳେଣ' ପୁସ୍ତକ ଉନ୍ମୋଚନ କରି ଲେଖକ ଆଧୁନିକ ଗଣିତର ଜୀବନ ଜିଜ୍ଞାସା ଓ ଗତିପଥକୁ ସରଳ ଓ ସୁନ୍ଦରଭାବେ ନିରୀକ୍ଷଣ କରିଛନ୍ତି ବୋଲି କହିଥିଲେ । ସଭାପତି ଡଃ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ ସାହିତ୍ୟ ସତ୍ୟ ଶିବ ଓ ସୁନ୍ଦରର ପରିପ୍ରକାଶ, ଲେଖକ ଶ୍ରୀ ଦାସଙ୍କ ତିନୋଟି ଲଳିତ ନିବନ୍ଧ ସଂକଳନ ଓଡ଼ିଆ ସାହିତ୍ୟର ସଫଳ ସୃଷ୍ଟି ହୋଇରହିବ । ପୁସ୍ତକ ରଚୟିତା ଶ୍ରୀ ଦାସ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି ଅନୁଭୂତି ଓ ଅନୁଭବକୁ ଲେଖନୀରେ ଆଙ୍କିପାରିଲେ ଅପାର ଆନନ୍ଦ ମିଳେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ସଙ୍କଳନ ତ୍ରୟର ପ୍ରକାଶିତ ବିଭୁ ତ୍ରିପାଠୀ, ପ୍ରଭାଂଶୁ ସାମନ୍ତରାୟ ଓ ଦେବାଶିଷ ବେହେରା ପରିଚାଳନା କରିଥିଲେ । ଏହି ଉତ୍ସବରେ ବହୁ ସଂଖ୍ୟକ ସାହିତ୍ୟିକ, ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

# ସ୍ୱଳ୍ପ ବୃଷ୍ଟିରେ ଫସଲ ସୁପରିଚାଳନା ପାଇଁ ଚାଷୀଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ବଲାଙ୍ଗିର,୧/୦୮ (ନି.ପ୍ର): ସ୍ୱଳ୍ପ ବୃଷ୍ଟି ଯୋଗୁଁ ପ୍ରଭାବିତ ଚାଷ ଜମିରେ କିପରି ସଫଳ ଭାବେ ଚାଷ କରାଯାଇ ମରୁଡି ସହ ମୁକାବିଲା କରାଯାଇପାରିବ, ସେନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି ବଲାଙ୍ଗିର ଜିଲାପାଳ । ଗତକାଲି ବଲାଙ୍ଗିର ଜିଲାପାଳ ଚଂଚଳ ରାଣା ବଲାଙ୍ଗିର ସଦର ବ୍ଲକ ଓ ଲୋଇସିଂହା ବ୍ଲକର ବିଭିନ୍ନ ପଚାଂୟତକୁ ଗସ୍ତ କରି ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁଁ ପ୍ରଭାବିତ ଚାଷ ଜମିରେ କିପରି ଠିକ୍ ଭବରେ ଚାଷ କରାଯାଇପାରିବ ସେ ନେଇ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ଜମିରେ ଡାଲି ଜାତୀୟ ଫସଲ ଚାଷ କରାଯାଇ କିପରି ବର୍ଷାର ଅଭାବକୁ ଦୂର କରାଯାଇପାରିବ ସେ ନେଇ କୃଷି ବିଭାଗ ର ଟିମ୍ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ସଦର ବ୍ଲକ ଅର୍ନ୍ତଗତ ଚନ୍ଦନଭାଟି, ମିର୍ଦ୍ଧାପାଲି ଓ ପୁଇଁତଲା ବ୍ଲକ ର ଛତାମଖନା, ବିଲେଇ ସାର୍ଡା, ପିପିର୍ଡ଼ା ଆଦି ପଚାଂୟତ ଗସ୍ତ କରି ଏଠାକାର ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଡିପ୍ ବୋରୱେଲର ସଠିକ କାର୍ଯ୍ୟକ୍ଷମ ତଥା ଚଳିତ ବର୍ଷର ସ୍ୱଳ୍ପ ବର୍ଷାରେ ଚାଷକୁ କିପରି ସଫଳ ପରିଚାଳନା କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା ।

# ରାଜ୍ୟସ୍ତରୀୟ ବିଶାଳ ମହିଳା ପାଇକ ଆଖଡା ସମାବେଶ, ଜନଗର୍ଜନ ଶୋଭାଯାତ୍ରା, ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ

ଭୁବନେଶ୍ୱର,୧/୦୮ (ନି.ପ୍ର): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୧୭ ମସିହାର ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତି ଉତ୍ସବ ପାଳନର ଉଦ୍‌ଯାପନ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇର ପାଦଦେଶରେ ଓଡ଼ିଶାର ବୀରତ୍ୱପୂର୍ଣ୍ଣ ଗୌରବୋଜ୍ଜ୍ୱଳ ଐତିହ୍ୟର ସ୍ମାରକୀ ସ୍ୱରୂପ ଏକ ବିଶାଳ ସ୍ମୃତିସ୍ତମ୍ଭ ତଥା ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଏଥିପାଇଁ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ତଥା ବର୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୯୦ କୋଟି ଟଙ୍କା ଆଇଓସିଏଲ୍‌ରୁ ପ୍ରଦାନ କରିଥିଲେ । କିନ୍ତୁ ବରୁଣେଇ ପାଦ ଦେଶରେ ଏହି ସ୍ମାରକୀ ନିର୍ମାଣ ପାଇଁ ଜାଗା ନ ମିଳିଥିବାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇପାରୁ ନଥିଲା । ଏଥିପାଇଁ ଓଡ଼ିଶା ବୀର ମହସଂଘ ପକ୍ଷରୁ ସମଗ୍ର ଓଡ଼ିଶାର କୋଣ ଅନୁକୋଣରୁ ପାଇକ ଆଖଡ଼ା ଦଳମାନଙ୍କୁ ଧରି ଖୋର୍ଦ୍ଧାର ବରୁଣେଇ ପୀଠରୁ ରାଜଧାନୀର ରାଜରାସ୍ତା ଉପରେ ୩ ଦଫା ଦାବି ନେଇ ଜନଗର୍ଜନ ସମାବେଶମାନ ଆୟୋଜନ କରି ଦାବୀ ଗୁଡ଼ିକ ପୂରଣ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା । ଏହି ଦାବୀଗୁଡ଼ିକ ମଧ୍ୟରେ ଥିଲା ବରୁଣେଇ ପାଦଦେଶରେ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ବିନା ମୂଲ୍ୟରେ ଜାଗା ପ୍ରଦାନ କରିବା, ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ଓ ଶିଖ୍, ବୁର୍ଖା, ଆସାମ ରେଜିମେଣ୍ଟ ପରି ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ କରିବା ସହ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା । ସୌଭାଗ୍ୟର କଥା ରାଜ୍ୟ ସରକାର ବରୁଣେଇ ପାଦ ଦେଶରେ ପ୍ରାୟ ୩୨ କୋଟି ଟଙ୍କାର ୧୦ ଏକର ଜାଗାକୁ ବିନା ମୂଲ୍ୟରେ ଯୋଗାଇ ଦେଇଛନ୍ତି । ଅନୁରୂପ ଭାବରେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି । ଏହି ସ୍ମୃତି ସ୍ମାରକୀ ସମଗ୍ର ଓଡ଼ିଆ ଜାତର ଅସ୍ମିତା, ବୀରତ୍ୱପୂର୍ଣ୍ଣ ଐତିହ୍ୟର ବାର୍ତା ସମଗ୍ର ଦେଶ ବିଦେଶରେ ପ୍ରଚ୍ଚର ପ୍ରସାର କରିବା ସହିତ ପର୍ଯ୍ୟଟକ ଓ ଗବେଷକମାନଙ୍କୁ ଆକୃଷ୍ଟ କରିବ । ଏହି ଦୃଷ୍ଟିକୋଣରୁ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଆଜି ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ମହିଳା ପାଇକ ବାହିନୀ, ପାଇକ ଆଖଡ଼ା ଦଳ ଆସି ଭୁବନେଶ୍ୱରଶ୍ୱର ସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡରୁ ଏକତ୍ରିତ ହୋଇଥିଲେ । ସେଠାରୁ ଯୁଦ୍ଧବାଦ୍ୟର ତାଳେ ତାଳେ ଖଣ୍ଡା, ତଲୱାର, ଗଦା, ମୁଦ୍‌ଗର, ବାଡ଼ି ଆଦି ଚାଳନା କରି ମହିଳା ପାଇକ ଆଖଡ଼ା ଦଳମାନ ଏକ ଜନଗର୍ଜନ ଶୋଭାଯାତ୍ରାରେ ଆସି ଜୟଦେବ ଭବନ ନିକଟରେ ଏକତ୍ରିତ ହୋଇଥିଲେ । ସେଠାରେ ପାଇକ ଆଖଡ଼ା ପ୍ରଦର୍ଶନ କରି, ବାଣ ଫୁଟାଇ ହରିବୋଲ, ହୁଳହୁଳି ପକାଇ ବିଜୟ ପର୍ବ ପାଳନ କରିଥିଲେ । ଏହି ଅବସରରେ ଓଡ଼ିଶାରୁ ଆସିଥିବା ପାଇକ ବାହିନୀ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ କୁଳର ମଉଡ଼ ମଣି ଉପାଧି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଜୟଦେବ ଭବନ ପରିସରରେ ଆୟୋଜିତ ବିଜୟ ଉତ୍ସବର ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଆ ଜାତିର ଅସ୍ମିତା ଓ ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣାବ ଚିତ୍ର ଭାବରେ ପାଇକ ସ୍ମାରକୀ ଓ ସ୍ମୃତିସ୍ତମ୍ଭ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହ ଓଡ଼ିଆ ଜାତିର ବୀରତ୍ୱପୂର୍ଣ୍ଣ ଇତିହାସର ପରିଚୟ ପ୍ରଦାନ କରିବ ବୋଲି କହିଥିଲେ ।

# ଆମ ପୋଲିସ ସମିତି ବୈଠକ

ଜୟପୁର,୧/୦୮ (ନି.ପ୍ର): ଜୟପୁର ଟାଉନ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ସମିତି ବୈଠକରେ ଏସଡିପିଓ ଅରୁପ ଅଭିଷେକ ବେହେରା , ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସହର ବୁଦ୍ଧି ଜୀବି ମାନେ ଉପସ୍ଥିତ ଥିଲେ । ସାଇବର କ୍ରାଇମ, ଟ୍ରାଫିକ ସମସ୍ୟା ସହରରେ ମଦ କାରବାର କୁ ରୋକିବା, ନାବାଳକ ମାନେ ବାଇକ ଚଲାଇବା ଉପରେ ରୋକ ଲଗାଇବା, ସହରର ଦ୍ରୁତ ବେଗରେ ବାଇକ ଚଳାଉଥିବା ଚାଳକ ଉପରେ କାର୍ଯ୍ୟାନୁଷ୍ଠାନ, ଚୋରି, ଲୁଟ ଅପରାଧକୁ ନିୟନ୍ତ୍ରଣ କରିବା ପାଇ ସହର ବାସୀ ସଚେତନ ହେବା ଆଦି ଉପରେ ଆଲୋଚନା କରାଯାଇଥିଲା ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୧/୦୮ (ନି.ପ୍ର): କର୍ମମୟ ଜୀବନରେ ଅବସର ନିଶ୍ଚୟ ତ ଆସିବ । କିନ୍ତୁ, ଆଜି ଯେଉଁ ବ୍ୟକ୍ତିଙ୍କ ଅବସର କଥା କହୁଛୁ,ସେ ଜଣେ ସଚ୍ଚୋଟ ଶିକ୍ଷକ ନେତାଙ୍କ କଥା । କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମଭି - ୫୧ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ । ଯିଏ କି ଚାକିରୀ କାଳ ମଧ୍ୟରେ ଶିକ୍ଷକମାନଙ୍କ ସମସ୍ୟା ବୁଝି ସମାଧାନ କରିବାରେ ସିଦ୍ଧହସ୍ତ । ତାଙ୍କ କର୍ମମୟ ଜୀବନରେ ସେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତି ବନ୍ଧୁ ବିଜୟ କୁମାର ପାଢ଼ୀ ମଂଚ ପରିଚାଳନା କରିଥିବାବେଳେ ବାଲିମେଳା ଇରିଗେସନ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ଦିଲ୍ଲୀପ ବେପାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସ୍ୱାଇଁଙ୍କୁ ମାଲକାନଗିରି ପ୍ରାଥମିକ ଶିକ୍ଷକଙ୍କ ମେରୁଦଣ୍ଡ ସମ ତୁଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଠାକୁର ଦାସ ମାଝି, ସି.ଆର.ସି.ସି. ବୈକୁଣ୍ଠନାଥ ମହାନ୍ତି, ସି.ଆର.ସି.ସି. ସତ୍ୟ ଦେ, ସି.ଆର.ସି.ସି. ସୁଶାନ୍ତ ଦଳେଇ, ସି.ଆର.ସି.ସି. କଲ୍ୟାଣୀ ସ୍ୱାଇଁ, ସି.ଆର.ସି.ସି. ଲଳିତ ସାମଲ, ଗୋଲକ ମହାନ୍ତି, ପ୍ରଭାତ ପରିଡା ତଥା ଗ୍ରାମବାସୀ ପ୍ରମୁଖ ଶତାଧିକ ଲୋକ, ଛାତ୍ରଛାତ୍ରୀ ଉପସ୍ଥିତ ରହି ଏକ ଦୁଃଖପୂର୍ଣ୍ଣ ପରିବେଶରେ ଶ୍ରୀ ସ୍ୱାଇଁଙ୍କ ଦୀର୍ଘ ଜୀବନ କାମନା କରି ବିଦାୟ ଦେଇଥିଲେ ।

# ବିଳମ୍ବିତ ରାତିରେ ପଂଚାୟତ ଗୋଦାମ ଘରୁ ଚାଉଳ ଚୋରି

ଜୟପୁର ,୧/୦୮ (ନି.ପ୍ର): ପଂଚାୟତ ଗୋଦାମ ଗୃହରୁ ହିତାଧିକାରୀ ଙ୍କ ପିଡ଼ିଏସ ଚାଉଳ ଚୋରି ହୋଇଥିବା ଜଣା ପଡିଛି । ଗୋଦାମ ଗୃହର ତାଲା ଭାଙ୍ଗି ଆନୁମାନିକ ୬୦ ପେକେଟ ରୁ ଉର୍ଦ୍ଧ ଚାଉଳ ଲୁଟି ନେଇଛନ୍ତି ଦୁର୍ବୃତ । ଏଭଳି ଘଟଣା ଘଟିଛି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିସିଂହପୁର ପଂଚାୟତ ରେ । ଗତ କାଲି ବିଳମ୍ବିତ ରାତି ଦୃବୃତ ମାନେ ପଂଚାୟତ ଗୋଦାମ ଘରୁ ତାଲା ଭାଙ୍ଗି ଭିତରେ ପଶି ଚୋରି କରିଛନ୍ତି । ଏହି ଚାଉଳ ଲୁଟ ବେଳେ ଲୁଟେରା ମାନେ ଚାରି ଚକିଆ ଗାଡି ବ୍ୟବହାର କରିଥିବା ଜଣାପଡୁଛି । ଗୋଦାମ ଗୃହ ସମ୍ମୁଖରେ ଚାରି ଚକିଆ ଯାନର ଟାଇର ଚିହ୍ନ ରହିଛି । ଘଟଣା ସମ୍ପର୍କରେ ବି ସିଂହପୁର ପୋଲିସ ପହଂଚି ପାରି ପାର୍ଶୀକ ସ୍ଥିତି ଅନୁଧ୍ୟାନ କରିବା ସହ ସାଇଂଟିଫିକ ଟିମ ଏବଂ ଅନୁସନ୍ଧାନ କୁକୁର କୁ ମଧ୍ୟ ତଦନ୍ତ କରି ଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଦାମଦର ବିହାରୀ । ଅନ୍ୟ ପଟେ ଘଟଣାସ୍ଥଳରେ ପିଇଓ ,ସରପଂଚ ଏବଂ ବ୍ଲକ ଯୋଗାଣ ଉପନିରୀକ୍ଷକ ମଧ୍ୟ ପହଂଚିଛନ୍ତି ।

# ବୈଜ୍ଞାନିକଙ୍କ ଜଳବାୟୁ ସମସ୍ୟା ମୁକ୍ତ ପୃଥିବୀର ମହା ଅଭିଯାନ ଆରମ୍ଭ



ବାରିପଦା, ୦୧/୦୮ (ନି.ପ୍ର): ଓଡ଼ିଶାର ଗୌରବ ବୈଜ୍ଞାନିକ ଶ୍ରୀମାନ ଶ୍ୟାମ ସୁନ୍ଦର ରାଠି ୫ ବର୍ଷ ଭିତରେ ପୃଥିବୀକୁ ଜଳବାୟୁ ପରିବର୍ତ୍ତନ ସମସ୍ୟା ମୁକ୍ତ କରିବାର ମହାଅଭିଯାନ ପ୍ରାରମ୍ଭ କରିଛନ୍ତି। ଓଡ଼ିଶାର ଗୌରବ ବିଶ୍ୱବ୍ୟାପୀ କରିବା ସହ ପ୍ରଦୂଷଣ ଓ ବନ୍ୟା ଜନିତ କାରଣରୁ ଜୀବନ ହରାଉଥିବା ଦେଶର ୪୦ ଲକ୍ଷ ନାଗରିକଙ୍କ ଜୀବନ ରକ୍ଷା କରିବା, ବନ୍ୟା ଓ ମରୁଡ଼ି ଦାଉରୁ ୫୦ ଲକ୍ଷ କୋଟି ଟଙ୍କାର ସମ୍ପତ୍ତିକୁ ବଞ୍ଚାଇବା, ବନ୍ୟାରେ ବୁଡୁଥିବା ୫ କୋଟି ଘରକୁ ବନ୍ୟାରୁ ଉଦ୍ଧାର କରିବା, ପୃଥିବୀକୁ କ୍ଲାଇମେଟ୍ ଚେଞ୍ଜିଙ୍ଗ୍ ସମସ୍ୟା ମୁକ୍ତ କରିବା ଏବଂ ମାନବ ଜାତିର ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡିଶାବାସୀ ଗୁରୁ ଦାୟିତ୍ୱ ନେବାର ଅନୁରୋଧ ସେ କରିଛନ୍ତି। ସେ ତାଙ୍କର ରିସର୍ଚ୍ଚରେ ପାଇଛନ୍ତି ଯେ ପମ୍ପ ଲଗାଇ ଭୂଗର୍ଭ ଜଳର ଅତ୍ୟଧିକ ଦୋହନରୁ ଭୂଗର୍ଭ ଜଳ କ୍ରମାଗତ କମିବାରେ ଲାଗିଛି ଏବଂ ଗଛ ଲତା ମାନଙ୍କର ଖାଦ୍ୟାଭାବ ହେବା ଯୋଗୁ ଗଛ ଲତା ମାନଙ୍କର ଅଭିବୃଦ୍ଧି ଶିଥିଳ ହେବା ସହ ବହୁ ସଂଖ୍ୟାରେ ଗଛ ଲତା ମୃତ୍ୟୁ ବରଣ କରନ୍ତି। କେବଳ ଭୂଗର୍ଭ ଜଳ କମିବା କାରଣରୁ ପ୍ରତିଦିନ ୧୫ବର୍ଗ କିମି ଅଞ୍ଚଳ ଗଛଲତା ଶୂନ୍ୟ ହେବା ସହ ୮୦% ଗଛଲତା ଖାଦ୍ୟ ଅଭାବ ଯୋଗୁଁ ଅଭିବୃଦ୍ଧି ହରାଇ ବସିଛନ୍ତି। ଏହା ଦ୍ୱାରା ପୃଥିବୀର ପ୍ରକୃତିଗତ ଫିଲଟ୍ରେସନ ବ୍ୟବସ୍ଥା ନଷ୍ଟଭ୍ରଷ୍ଟ ହେବା କାରଣରୁ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପୁଜିଛି। ମାନବ ଜାତି ୫,୦୦୦ ବର୍ଷ ପୁରୁଣା ନଦୀ ବନ୍ଧ ଯୋଜନାକୁ ତ୍ୟାଗକରି ଆଧୁନିକ ବିଜ୍ଞାନର ଜଳ ଭଣ୍ଡାରଣ ବ୍ୟବସ୍ଥା Tank Techକୁ ଆପଣେଇ ନେଲେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଅନ୍ତ ଘଟିବାସହ ବିଶ୍ୱରୁ ବନ୍ୟା, ମରୁଡ଼ି ଓ ଜଳସମସ୍ୟାର ଅନ୍ତ ଘଟିବ। ମନୁଷ୍ୟ ତାହାର ଆବଶ୍ୟକ ହେଉଥିବା ଜଳ ବନ୍ୟା ଜଳରୁ ପାଇଯିବ ଏବଂ ପମ୍ପ ଲଗାଇ ଭୂଗର୍ଭ ଜଳ ଦୋହନ ପ୍ରଥା ବନ୍ଦ ହେଲେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଅନ୍ତ ଘଟିବ। ଏହି ମହାନ କାମ ପାଇଁ ସେ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ସହଯୋଗ ମାଗିଛନ୍ତି।

## ୯ଦଫା ଦାବି ନେଇ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ସହ ଦାବୀପତ୍ର ପ୍ରଦାନ

ନୀଳଗିରି, ୦୧/୦୮ (ନି.ପ୍ର): ୯ଦଫା ଦାବି ନେଇ ନୀଳଗିରି ଉପଜିଲ୍ଲାପାଳଙ୍କ ଗେଟ୍ ସମ୍ମୁଖରେ ଓଡ଼ିଶା କୃଷକ ସଭା, ଓଡ଼ିଶା କ୍ଷେତ ମଜଦୁର ୟୁନିୟନ, ଓ ସି.ଆଇ.ଟି.ୟୁ ନୀଳଗିରି ଆଂଚଳିକ କମିଟି ପକ୍ଷରୁ ୯ଦଫା ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦାବୀ ମଧ୍ୟରେ ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନର କାମ ଦେବା ସହ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ ସହ ଉଭୟ ପୁରୁଷ ମହିଳାଙ୍କୁ ମଜୁରୀ ୩୨୨ ଟଙ୍କା ପ୍ରଦାନ କରାଯାଉ, ସମସ୍ତ ଜବକାର୍ଡଧାରୀଙ୍କୁ ରେସନ କାର୍ଡ ପ୍ରଦାନ କରାଯାଉ, ଭୂମିହୀନଙ୍କୁ ଘରଡିହ ପଟ୍ଟା ଦିଆଯାଉ, ଜଙ୍ଗଲ ଅଧିକାର ଆଇନକୁ ସଂଶୋଧନ କରାଯାଉ, ୫୫ବର୍ଷ କୃଷି ଶ୍ରମିକଙ୍କୁ ମାସକୁ ୫୦୦ ଟଙ୍କା ପେନସନ ଦିଆଯାଉ, ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର, ଶିକ୍ଷକ ପଦବୀ ପୂରଣ କରାଯାଉ, ଭାଗଋଷୀଙ୍କୁ ଚାଷୀର ମାନ୍ୟତା ଦିଆଯାଉ, ନୀଳଗିରିରେ ସମସ୍ତ ଖଣି ଖାଦାନ ଖୋଲାଯାଉ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ରୋକା ଯାଉ ଆଦି ଦାବୀରେ ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭରେ ସି.ଆଇ.ଟି.ୟୁ. ର ଜିଲ୍ଲା ସଂପାଦକ ବିଜୟ ପାତ୍ର, ବରିଷ୍ଠ ରାଜ୍ୟ ନେତା ନିର୍ମଳ ନାୟକ, ସୀତା ସିତାଂଶୁ ସେନାପତି, ଯୋଗାନନ୍ଦ ଦାସ ସହିତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ଥିଲେ ।

## ଆସିଲେନି ପୋଲିସ ଫୋର୍ସ : ସ୍ଥଗିତ ରହିଲା ଖଇରା ବଜାର ଭଙ୍ଗା



ଖଇରା, ୦୧/୦୮ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରର ତୋରାଣିପଦା ଛକ ଠାରୁ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ରାସ୍ତାର ୨ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ନୋଟିସ ଦେଇଥିଲା । ଏଥିନେଇ କରୋନା ପରେ ଅର୍ଥିକ ଅନାଟନରୁ ମୁକୁଳିବାକୁ ଜିବିକା କରି ଚଳୁଥିବା ବହୁ ବ୍ୟବସାୟୀ ନିଜର ଦୋକାନ ଆଜବେଷ୍ଟସ ଓ ପାଲ ଖୋଲି ନେଇଥିଲେ । ଦୋକାନୀ ମାନେ ଏକ ଖବରଦାତା ସମ୍ମିଳନୀ ଡାକି ଏଭଳି ଉଚ୍ଛେଦକୁ ବିରୋଧ କରି ଏହା ବନ୍ଦ କରିବାକୁ ଦାବୀ କରିଥିଲେ । ସୋମବାର ଭାଙ୍ଗିବା ପାଇଁ ପ୍ରଥମେ ୩ଦିନ ତଳେ ମାଇକ ପ୍ରଚାର କରାଯିବା ପରେ ୧୪୪ଧାରା ଲାଗୁ ନେଇ ରବିବାର ରାତି ଏବଂ ସୋମବାର ପ୍ରତ୍ୟୁଷରେ ମାଇକ ପ୍ରଚାର କରାଯାଇଥିଲା । ହେଲେ ସକାଳ ସୁଦ୍ଧା ପୋଲିସ ଫୋର୍ସ ନ ପହଞ୍ଚିବାରୁ ଭଙ୍ଗା ସ୍ଥଗିତ ରହିବା ନେଇ କୁହାଯାଇଛି । ଏପରିସ୍ଥଳେ ମଙ୍ଗଳବାର ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଙ୍କ ଖବରଦାତା ସମ୍ମିଳନୀ ଡାକିବାକୁ ନେଇ ଆଲୋଚନା ସରଗରମ ହୋଇ ପଡିଛି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଆଇଆଇସି ଗଣେଶ୍ୱର ପ୍ରଧାନଙ୍କୁ ପଚାରିବାରେ ବିଭିନ୍ନ ଶୈବ ପୀଠ ଗୁଡିକରେ ଜଳଲାଗି କାର୍ଯ୍ୟକ୍ରମରେ ପୋଲିସ ମୃତୟନ ଯୋଗୁଁ ପୋଲିସ ଫୋର୍ସ ଆସି ପାରିନାହାଁନ୍ତି। ପୋଲିସ ଫୋର୍ସ ଆସିଲେ ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ସେପଟେ ବିଶିଷ୍ଟ କଂଗ୍ରେସ ନେତା ତଥା ଭଦ୍ରକ ର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ପ୍ରଶାସନର ଏଭଳି ବଜାର ଭଙ୍ଗା ନିଷ୍ପତ୍ତିକୁ ଦୃଢ ବିରୋଧ କରିଛନ୍ତି । ପ୍ରଶାସନର କୌଣସି ବିଧିବଦ୍ଧ ପ୍ଲାନ ପ୍ରୋଗ୍ରାମ ନଥାଇ ତରବରିଆ ଭାବେ ପ୍ରଥମେ ଭାଙ୍ଗିବା ପୁଣି ସ୍ଥଗିତ ନିଷ୍ପତ୍ତିରେ ଛୋଟବଡ ଦୋକାନୀ ଛଟପଟ ହେଉଛନ୍ତି ବୋଲି କହିଛନ୍ତି। କେବଳ ଜଳନିଷ୍କାସନ ପାଇଁ ଯେତିକି ଆବଶ୍ୟକ ସେତିକି ଉଚ୍ଛେଦ କରିବାକୁ ଖଇରାର ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି ।

## ବିଜେପିର ଜଳେଶ୍ୱର ନଗର କାର୍ଯ୍ୟକାରିଣୀ ବୈଠକ

ଜଳେଶ୍ୱର,୦୧/୮(ନି.ପ୍ର): ସ୍ଥାନୀୟ ଭଂଜଶ୍ରୀ ଭବନରେ ଭାରତୀୟ ଜନତାପାଟିର ଜଳେଶ୍ୱର ନଗର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଧାନସଭା ପ୍ରଭାରୀ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ଜିଲା ସାଧାରଣ ସଂପାଦକ ପର୍ଶୁରାମ ପରିଡା ଏଥିରେ ଯୋଗ ଦେଇ ଦଳର ନିତୀ, ଆଦର୍ଶ ଓ ଭବିଷ୍ୟତ କାର୍ଯ୍ୟକ୍ରମ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅରୁଣ ବେଜ, କାଉନସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ସସ୍ମିତା ପାତ୍ର, ଉମା ହେମ୍ବ୍ରମ, ନଗର ସାଧାରଣ ସଂପାଦକ ରବିନ୍ଦ୍ର ପାତ୍ର ଓ ବରେନ୍ଦ୍ର ପରିଡା ପ୍ରମୁଖ ବିଜେପିର ସାଂଗଠନୀକ ଦକ୍ଷତା ବୃଦ୍ଧିଲାଗି କେତେକ ପରାମର୍ଶ ସହିତ ସରକାରଙ୍କ ଜନକଲ୍ୟାଣ ଯୋଜନା ସଂପର୍କରେ ଆଲୋଚନା କରାଯାଇଛି ।

## ବିଜେପିର ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ବୈଠକ



ଜଳେଶ୍ୱର, ୦୧/୮(ନି.ପ୍ର): ଭାରତୀୟ ଜନତାପାଟି ଜଳେଶ୍ୱର ଶାଖା ତରଫରୁ ଦଳୀୟ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଆହ୍ୱାନରେ ସ୍ୱାଧିନତାର ୭୫ତମ ଅମୃତ ମହୋତ୍ସବ ଉପଲକ୍ଷେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ ପାଇଁ ଲକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଓ ଯୁବନେତା ଦିବ୍ୟକାମ ମହାନ୍ତି ଏଥିରେ ଯୋଗ ଦେଇ ସ୍ୱାଧିନତାର ଦିବସ ଉପଲକ୍ଷେ ଅଗଷ୍ଟ ୯ରୁ ୧୫ ତାରିଖ ଯାଏ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜଳେଶ୍ୱରରେ ଆୟୋଜନ କରାଯିବ ବୋଲି ସ୍ଥିରିକୃତ ହୋଇଛି। ୯ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସ୍ୱାଧିନତାର ପ୍ରଚାର ଓ ପ୍ରସାର ସହିତ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ । ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଗାଁର ପ୍ରତି ୱାର୍ଡରେ ରଘୁପତି ରାଘବ ରାଜାରାମ ସଂଗୀତ ଓ ବନ୍ଦେ ମାତରମ୍ ସହିତ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଗଷ୍ଟ ୧୩ରୁ ୧୫ ତାରିଖ ଯାଏ ଦେଶର ପ୍ରତ୍ୟେକ ଘର ଉପରେ ଜାତୀୟ ପତାକା ଉଡାଇବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ପ୍ରକାଶ କରାଯାଇଛି । ଏଥିରେ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ବିଜେପି ନେତା ଅଭିଜିତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଗଣେଶ ସରେନ୍, ସଂଜିବ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଖୋର୍ଦ୍ଧା ସହରରେ ଶୌଚାଳୟ ନାହିଁ

ଖୋର୍ଦ୍ଧା, ୦୧/୦୮ (ନି.ପ୍ର): ଖୋର୍ଦ୍ଧା ଟାଉନ ହଲଠାରେ ଏକ ବଡ଼ଧରଣ ସଭା ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ପାଳ ଶ୍ରୀଯୁକ୍ତ ମନୋଜ ପାଢ଼ୀଙ୍କ ସଭାପତିତ୍ୱରେ ହୋଇ ଥିଲା । ଉକ୍ତ ସଭାରେ ଖୋର୍ଦ୍ଧା ଉପ ଜିଲ୍ଲାପାଳ ଈଶ୍ୱର ଗୌରୋବ ଶିବାଜି ଓ ଜିଲ୍ଲାର ବହୁଅଧିକାରି, ପୌରପାଳିକା କର୍ମଚାରୀ , ବହୁ ଶିକ୍ଷକ, ବୁଦ୍ଧିଜୀବୀ ଖୋର୍ଦ୍ଧା, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଭୋଟର ପରିଚୟ ସଂଶୋଧନ, ଆଧାର କାର୍ଡ ସଂଶୋଧନ ଉପରେ ଆଲୋଚନା ହୋଇ ଥିଲା। ଭୋଟର ପରିଚୟ ପତ୍ର ଓ ଆଧାର ଲିଙ୍କ କିପରି ତାହା ଆଲୋଚନା ହୋଇ ଥିଲା। ବହୁ ବୁଦ୍ଧି ଯିବି କହିଥିଲେ ଆଗରୁ ଏହି ଭୋଟର ପରିଚୟ ପତ୍ର ଓ ଆଧାର ପରିଚୟ ଲୀଙ୍କ କରାଯାଇଥିଲା। ପୁଣି ଥରକୁ କରାଯାଇଛି । ତାହା କାର୍ଯ୍ୟକାରୀ ଉପରେ ପ୍ରଶ୍ନ କରିଥିଲେ। ତାହାର ସନ୍ତୋଷ ଜନକ ଉତ୍ତର। ମିଳିନଥିଲା। ଉକ୍ତ ସଭାରେ ଖୋରୋଧା ଜିଲ୍ଲା ଏକ ନମ୍ବର୍ ଜିଲା ବୋଲି ମଞ୍ଚାଷିନ ହାକିମ କହିଥିଲେ । ସେହି ତୁଳନାରେ ଖୋର୍ଦ୍ଧା ମୁକ୍ୟଦପ୍ତର ଉନ୍ନତି ଘଟିଛି। ଉକ୍ତ କଥା ଉପରେ କିଛି ବରିଷ ନାଗରିକ ପ୍ରଶ୍ନ କରିଥିଲେ, ଖୋର୍ଦ୍ଧା ସହର ଖୋର୍ଦ୍ଧା ମୁଖ୍ୟାଳୟରେ ସାଧାରଣ ନାଗରିକ, ବେବାସାୟୀ, ଯାତ୍ରୀଙ୍କପାଇଁ ଗୋଟିଏ ହେଲେ ଶୌଚାଳୟ ନାହିଁ। ଦୁଇଟି ଶୌଚାଳୟ ୧୦ ବର୍ଷ ତଳୁ ଥିଲା। ତାହା ବାଙ୍ଗି ରୁଜି ଦୁର୍ଗନ୍ଧ ହେଉଛି । ମରାମତି ପାଇଁ ବାହୁ ବାର ପୌରସନ୍ଧା କର୍ମଚାରୀ ଓ ଉପ୍ଜିଲ୍ଲାପାଳଙ୍କୁ ଦେଖା କରି ବରିଷ୍ଠ ନାଗରିକ, ସାମ୍ବାଦିକ ଓ ବୁଦ୍ଧି ଯିବି ଖୋର୍ଦ୍ଧା ଗୁହାରୀ କଲେଣି ମାତ୍ର ହୋଇ ପାରିନାହିଁ। ଗୋଟିଏ ପୁରୁଣା ବସଷ୍ଟାଣ୍ଡ ଓ ଗୋଟିଏ ନୂଆ ବସଷ୍ଟାଣ୍ଡ ଠାରେ ଦୁଇଟି ଶୌଚାଳୟ ଥିଲା। ତାହା ମରାମତି ରକ୍ଷଣାବେକ୍ଷଣ ଅଭାବରୁ ଭୂତଖାନା ପାଲଟିଛି। ବହୁ ବାର ପୂର୍ବତନ ଜିଲ୍ଲାପାଳ ଏବର ଉପ ଜିଲ୍ଲାପାଳ ଓ ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀ ଥାଇ ଖୋର୍ଦ୍ଧା ଶୌଚାଳୟ ମରାମତି ଓ ନୂଆ ଶୌଚାଳୟ ହେବାକୁ ଦାବି ହୋଇ ଆସୁଛି ହେଉ ନାହିଁ। ଖୋର୍ଦ୍ଧା ଓ ବେଗୁନିଆ ବିଧାୟକ ଦୁଇ ଜଣ ନିଜ ଘର ଖୋର୍ଦ୍ଧା ସହରରେ ମାତ୍ର ତାଂକୁ ବହୁ ବାର ଖୋର୍ଦ୍ଧାରେ ଦୋକାନ କରିଥିବା ବେବାସାୟି ଲୋକ ଗୁହାରୀ କଲେଣି ତାହା କାର୍ଯ୍ୟ କରି ହେଉନାହିଁ। ଯେଉଁ ସମୟରେ ଖୋର୍ଦ୍ଧା ବୁଦ୍ଧି ଯିବି, ବରିଷ୍ଠ ନାଗରିକଙ୍କୁ କୌଣସି ପ୍ରସଙ୍ଗରେ ଡକାଯାଇଥାଏ ଶୌଚାଳୟ ବାବଦରେ କଥା ଉଠେ ତାକୁ ଉଠାଇ ଦିଆଯାଏ। ଆଜି ଏହି କଥା ବରିଷ୍ଠ ନାଗରିକ ଉଠାଇଲେ ତାହା ଉକ୍ତ ସଭାରେ ଉଠାଇବା ଉଚିତ୍ ନୁହେଁ ବୋଲି ବରିଷ୍ଟ ଅଧିକାରୀ କହିବାରୁ ଆଜି ବରିଷ୍ଠ ନାଗରିକ ଓ ବୁଦ୍ଧି ଯିବି କ୍ଷବ୍ୟ ପ୍ରକାଶ କରିଥିଲେ। ଆଉ କେଉଁ ସମୟେ ସାଧାରଣ ବରିଷ୍ଟ ନାଗରିକ ଓ ବୁଦ୍ଧି ଯିବି ମଉକା ପାଇବେ ଗୁହାରୀ କରିବକୁ। ଖୋର୍ଦ୍ଧା ସହରରେ ଯେପରି ସବୁ ଛକ ଯାଗାରେ ବସଷ୍ଟାଣ୍ଡ ପୁରୁଣା ନୂଆ, ଜିଲ୍ଲାପାଳ ଅଫିସ୍ ଟ୍ରାଫିକ ଛକ, ଡାକ୍ତରଖାନା ବାଉଣ୍ଡରି ଭିତରେ ଶୌଚାଳୟ ଦାବି ଉଥାପନ କରାଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଓ ଉପ ଜିଲ୍ଲାପାଳ ଆମର ନୂତନ ଯୁବ ଜିଲ୍ଲାପାଳ, ଆଇଏଏସ, ଦକ୍ଷ ସଙ୍କୋଟଙ୍କ ନଜର ଆଣିବାକୁ ଅନୁରୋଧ କରାଯାଇଥିଲା। ଆମ୍ ନୂତନ ଜିଲ୍ଲା ପାଳ ନିଶିଚିଓ ଜାଣିଲେ ପଦକ୍ଷେପ ନେବେ ଆସା ଓ ବିଶ୍ୱାସ। ଏହି ବାବଦରେ ଖୋର୍ଦ୍ଧା ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଜଣାଇବେ।

## ନୀଳଗିରି ହିଲଟପ ରାଡାର ସିକ୍ୟୁରିଟିଙ୍କ ୬ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଧାରଣା

ନୀଳଗିରି, ୦୧/୦୮ (ନି.ପ୍ର): ନୀଳଗିରି ହିଲଟପ ରାଡାରର କାର୍ଯ୍ୟରତ ସିକ୍ୟୁରିଟିମାନଙ୍କୁ ବିନା ନୋଟିସରେ ପି.ଏମ.ୟୁ କାର୍ଯ୍ୟରୁ ଛଟେଇ କରିଥିବାରୁ ଶ୍ରମିକମାନେ ୬ଦଫା ଦାବୀ ନେଇ ରାଡାର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଛନ୍ତି । ସୂଚନା ଅନୁଯାୟୀ ଡି.ଆର.ଡି.ଏ. ବାଲେଶ୍ୱର ଆଇ.ଟି.ଆର. ରେ ୨୦୧୯ ରୁ ଏ ଯାବତ ଦୀର୍ଘ ୩ବର୍ଷ ଧରି ୧୪ଜଣ ଠିକା ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ । ସେମାନଙ୍କର ପାରିଶ୍ରମିକ ବାବଦକୁ ଇ.ପି.ଏଫ., ଇ.ଏସ.ଆଇ. ଓ ୪ଟି ଛୁଟି କାଟି ମାସିକ ୧୪,୪୦୦ ଟଙ୍କା ପାରିଶ୍ରମିକ ପାଉଥିଲେ। ଫଳରେ ସେମାନେ ଉକ୍ତ ଅର୍ଥରେ ପରିବାର ଭରଣପୋଷଣ କରୁଥିଲେ। ଗତ ୩୧.୭.୨୨ରିଖରେ ହଠାତ୍ ପି.ଏମ.ୟୁ. (ପ୍ରୋଯେକ୍ଟ ମ୍ୟାନେଜମେଂଟ ଅଫ ୟୁନିଟ) ର ଠିକାଦାର କିଶୋର ସ୍ୱାଇଁ ୧.୮.୨୨ରିଖରୁ ଛୋଟେଇ କରିଥିବା ନେଇ ମୌଖିକ ସୂଚନା ଦେଇଥିଲେ । ଯାହା ଫଳରେ ୧୪ଜଣ ଶ୍ରମିକ ଏହାକୁ ପ୍ରତିବାଦ କରି ରାଡାର ମୁଖ୍ୟ ଫାଟକ ଆଗରେ ୬ଦଫା ଦାବୀ ନେଇ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି । ଖବରପାଇ ଆଇ.ଟି.ଆର ର ସିକ୍ୟୁରିଟି ଅଫିସର ପି.କେ.ଜେନା ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୩ମାସ ମଧ୍ୟରେ ପୁନଃ ନିଯୁକ୍ତି ଦିଆଯିବବୋଲି ପ୍ରକାଶ କରିଥିଲେ । ଏହି ପ୍ରତିଶୃତିକୁ ଶ୍ରମିକମାନେ ଅଗ୍ରାହ୍ୟ କରିଦେଇ ଧାରଣା ଚାଲୁ ରଖିଛନ୍ତି । ଏହି ଧାରଣାରେ କୈଳାସ ମହାକୁଡ଼, ପ୍ରଶାନ୍ତ ସାଆଁନ୍ତରା, ଗୌତମ ମହଲ, ଜିତେନ୍ଦ୍ର ପାତ୍ର, ମହନ ଦାସ, ରଂଜନ ଖୁଂଟିଆ, ଆଜ୍ଜାଦ ଅଲ୍ଲୀ ଖାଁ, ସୁବଳ ମାଝୀ, ରାଧାଗୋବିନ୍ଦ ପରିଡ଼ା, ବସନ୍ତ ପାତ୍ର, ବାମଦେବ ଜେନା ପ୍ରମୁଖ ଧାରଣାରେ ବସିଛନ୍ତି ।

## ରାଜ୍ୟରେ ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ରାଜ୍ୟରେ ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ବଢି ୯୧୪୧ ହୋଇ ଯାଇଛି । ଭୁବନେଶ୍ୱରର ଜଣେ ୮୫ ବର୍ଷୀୟା ମହିଳାଙ୍କର କରୋନାରେ ମୃତ୍ୟୁ ହୋଇଥିବା ସୂଚନା ଦିଆ ଯାଇଛି ।

## ସମ୍ବଲପୁରୀ ଦିବସ ଓ ଗୋଦାବରୀଶ ମହାପାତ୍ରଙ୍କ ଜୟନ୍ତୀରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର, ୦୧/୦୮ (ନି.ପ୍ର): ସମାଲୋଚକ ଓ କବି ଗୋଦାବରୀଶ ମହାପାତ୍ରଙ୍କ ୧୨୪ତମ ଜୟନ୍ତୀ,ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୫୯ତମ ତିରୋଧାନ ଦିବସ,ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ମହେଶ ଚନ୍ଦ୍ର ସୁବାହୁସିଂହଙ୍କ ୬୪ତମ ଶ୍ରାଦ୍ଧୋତ୍ସବ ଓ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୧୦୯ତମ ଜୟନ୍ତୀ ଉପଲକ୍ଷେ 'ସମ୍ବଲପୁରୀ ଦିବସ' ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଧାୟକଙ୍କ ଦରମା ବୃଦ୍ଧି ....

ସଦସ୍ୟ ପ୍ରସଙ୍ଗ ଉଠାଇଥିଲେ । ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଶେଷ ଥର ପାଇଁ ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ବିଧାୟକମାନଙ୍କ ଗସ୍ତ ଖର୍ଚ୍ଚ ଓ ଦରମା ବଢିଥିଲା। ଆଉ ଏବେ ସବୁ ରେଟ ବି ବଢିଛି। ତେଣୁ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚ ବଢ଼ାଇବାକୁ ଦାବି କରିଥିଲେ। ଅନ୍ୟ ରାଜ୍ୟର ବିଧାୟକମାନେ ଅଧିକ ଟଙ୍କା ଦରମା ପାଉଥିବା ବେଳେ ଆମ ରାଜ୍ୟରେ ତାହା ବହୁତ କମ୍ ରହିଛି। ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚକୁ ମିଶାଇ ମୋଟ ୯୯ ହଜାର ୮୦୦ ଟଙ୍କା ରହିଛି। ତେଣୁ ତାକୁ ବଢାଯାଉ ବୋଲି ବିଧାୟକମାନେ ଦାବି କରିଥିଲେ । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନି ପତି ମଧ୍ୟ ଦରମା ବଢ଼ାଇବୁ ଦାବି କରିଥିଲେ । ଅନେକ ସୋସିଆଲ କାର୍ଯ୍ୟକ୍ରମକୁ ଯାଉଛନ୍ତି ତେଣୁ ଖର୍ଚ୍ଚ ବଢୁଛି। ଏହା ସହ ପୂର୍ବତନ ବିଧାୟକମାନେ ମାତ୍ର ୩୦ ହଜାର ଟଙ୍କା ପେନସନ ପାଉଛନ୍ତି। ତେଣୁ ଉଭୟ ପୂର୍ବତନ ବିଧାୟକଙ୍କ ପେନସନ ଏବଂ ବିଧାୟକମାନଙ୍କ ଦରମା ବଢ଼ାଇବାକୁ ଦାବି କରିଥିଲେ ତାରା।

### ସଞ୍ଜୟ ରାଉତଙ୍କୁ ୪ ଦିନ ପାଇଁ ....

ଅନ୍ୟପଟେ ସଞ୍ଜୟ ରାଉତ ସାକ୍ଷୀଙ୍କ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଇଡି କୋର୍ଟରେ କହିଛି । ଅନ୍ୟପଟେ ସଞ୍ଜୟ ରାଉତଙ୍କ ଓକିଲ ଅଶୋକ ମୁଣ୍ଡାର୍ଗି କୋର୍ଟରେ କହିଛନ୍ତି, ଏପରି ଗିରଫଦାରୀ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି । ସେ ଜଣେ ହୃଦରୋଗୀ । ନିକଟରେ ତାଙ୍କର ଅସ୍ତ୍ରୋପଚାର ହୋଇଛି । ସମସ୍ତ ପ୍ରମାଣ କୋର୍ଟରେ ଦିଆଯାଇଛି । ସେପଟେ ଏପରି ଗିରଫଦାରୀକୁ ନେଇ ବଢିଛି ରାଜନୀତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ସଞ୍ଜୟ ରାଉତଙ୍କ ପରିବାରକୁ ଭେଟିଛନ୍ତି । ଠିକଣା ସମୟରେ ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି । ରାଜନୈତିକ ଆକ୍ରୋଶ ରଖି ସଞ୍ଜୟଙ୍କୁ ଗିରଫ କରାଯାଇଛି ବୋଲି ଉଦ୍ଧବ କହିଛନ୍ତି । ଏଥିସହ କେନ୍ଦ୍ର ସରକାରକୁ ତାନଶାହି ସରକାର କହି ବର୍ଷିଛନ୍ତି ଉଦ୍ଧବ । ସେପଟେ ସଂସଦ ବାହାରେ ଇଡି ଶାସକ ଦଳ ବିଜେପିର ଗୋଟିଏ ବିଭାଗ ବୋଲି ଲେଖା ହୋଇଥିବା ପ୍ଲାକାର୍ଡ ଧରି ବିରୋଧ କରିଛନ୍ତି ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ । ମୁମ୍ବାଇରେ ଆଦିତ୍ୟ ଠାକରେ ମଧ୍ୟ ଏକ ଜନସଭାକୁ ସମ୍ବୋଧିତ କରି ସଞ୍ଜୟ ରାଉତଙ୍କୁ ସମର୍ଥନ କରିଛନ୍ତି । କଂଗ୍ରେସ ସମେତ ବିଭିନ୍ନ ଦଳ ସଞ୍ଜୟଙ୍କ ଗିରଫଦାରୀକୁ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କରାଯାଇଛି ବୋଲି କହିଛନ୍ତି । ୯ଟି ରାଜ୍ୟରେ ସିବିଆଇର ଯାଂଚ ଉପରେ ପ୍ରତିବନ୍ଧକ ରହିଛି । ଏବେ କେନ୍ଦ୍ରର ଦ୍ୱିତୀୟ ପ୍ରମୁଖ ତଦନ୍ତକାରୀ ସଂସ୍ଥା ଇଡି ସକ୍ରିୟ ରହିଛି । ଅର୍ଥ ବିଭାଗ, ରାଜସ୍ୱ ବିଭାଗ ଅଧୀନରେ ଏହା ଏକ ସ୍ୱତନ୍ତ୍ର ଆର୍ଥିକ ଅନୁସନ୍ଧାନକାରୀ ସଂସ୍ଥା । ଗତ ତିନିରୁ ଚାରି ବର୍ଷ ମଧ୍ୟରେ ଇଡି ବହୁତ ସକ୍ରିୟ ହୋଇଛି ।

### ୫ ଯାଏଁ ପାଗ ଶୁଖିଲା, ୬ରେ....

ଏହା ପ୍ରଭାବରେ କେତେକ ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲଇ ପାଣିପାଗ ବିଭାଗ ସୂଚନା ଦେଇଛି। ଆଂଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟାରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ରାଜେନ୍ଦ୍ର ଜେନାମଣି କହିଛନ୍ତି, ଓଡ଼ିଶାରେ ଅଧା ମୌସୁମୀ ସରିଲାଣି। ଜୁନ୍ ୧ରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଭାବିକଠାରୁ ୮ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ରେ ଓଡ଼ିଶାରେ ଭଲ ବର୍ଷା ହୋଇ ନାହିଁ। ଜୁନ୍ ମାସରେ ମାଇନସ୍ ୩୩% ବର୍ଷା ହୋଇଛି। ହେଲେ ଜୁଲାଇରେ ଭଲ ବର୍ଷା ହୋଇଛି। ଜୁଲାଇରେ ୨ଟି ଲଘୁଚାପ ଯୋଗୁ ଭଲ ବର୍ଷା ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସବୁଠାରୁ କମ୍ ବର୍ଷା ହୋଇଛି। ସୁନ୍ଦରଗଡ଼ରେ ମାଇନସ୍ ୩୯ ପ୍ରତିଶତ ବର୍ଷା ହୋଇଛି। ସେହିପରି ଭଦ୍ରକରେ ମାଇନସ୍ ୨୩ %, ବାଲେଶ୍ୱରରେ ମାଇନସ୍ ୧୯ %, ମୟୂରଭଞ୍ଜରେ ମାଇନସ୍ ୨୮ % ଓ ସମ୍ବଲପୁରରେ ମାଇନସ୍ ୨୮ % ବର୍ଷା ହୋଇଛି। ଏହି ସବୁ ଜିଲ୍ଲାରେ ହାରାହାରି ବର୍ଷାଠାରୁ କମ୍ ବର୍ଷା ହୋଇଛି। ମାତ୍ର ଦକ୍ଷିଣ ଓଡ଼ିଶାରେ ଭଲ ବର୍ଷା ହୋଇଛି। ବୌଦ୍ଧ, କଳାହାଣ୍ଡି,ମାଲକାନଗିରି ଓ ଢେଙ୍କାନାଳ ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇଛନ୍ତି।

### ପୁରୀ ଗୋପ ବ୍ଲକରୁ ....

ମୌଜାର ୮ ଏକର ଲେଖାଏଁ ଜମି ଚିହ୍ନଟ ହେବା ସହ ଆରମ୍ଭ ହୋଇଛି ଜମି ଲିଜ୍ ନେବା ପ୍ରକ୍ରିୟା । କୁସୁପୁରରେ ୩୭ ଜଣ ଚାଷୀଙ୍କୁ ଦିଆଯାଇଛି ୧୦ କୋଟି ଟଙ୍କା । ଚାଷୀଙ୍କ ସହ ୩ ବର୍ଷ ପାଇଁ ଲିଜ୍ ଏଗ୍ରିମେଣ୍ଟ କରାଯାଇଛି । ତେବେ ତେଲ ଓ ପ୍ରାକୃତିକ ଗ୍ୟାସ ପାଇଁ ଡ୍ରିଲିଂ ହେବା ସ୍ପଷ୍ଟ ହେବା ପରେ ଗୋପ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଯଦି ଏହି ପ୍ରୋଜେକ୍ଟ ସଫଳ ହୁଏ, ତେବେ ଏହା ଓଡ଼ିଶା ପାଇଁ ଗେମ୍ ଚେଞ୍ଜର ହେବ ବୋଲି କୁହାଯାଉଛି । ରାଜ୍ୟ ଅର୍ଥନୈତିକ ବିକାଶ ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାରେ ସେସ୍ମିକ୍ ସର୍ଭେ ପାଇଁ ୨୨୦ କୋଟି ଟଙ୍କା ଏବଂ ଅନ୍ୱେଷଣ ଡ୍ରିଲିଂ ପାଇଁ ୧୨୪୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

## ନରସିଂହପୁର ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣାରେ ତଦନ୍ତ ଆରମ୍ଭ

ଅନୁଗୁଳ/ନରସିଂହପୁର/ଭୁବନେଶ୍ୱର, ୦୧/୦୮ (ନି.ପ୍ର): କଟକ ନରସିଂହପୁର ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣାରେ କିଛି ଲୋକଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଥିବା ଅନୁଗୁଳ ଡିଏଫ୍‌ଓ ସୂଚନା ଦେଇଛନ୍ତି । କଟକ ନରସିଂହପୁର ବାଇସିଙ୍ଗା ଜଙ୍ଗଲରେ ମୃତ ହାତୀକୁ ଗୁଳି କିପରି ବାଜିଲା ? କିଏ, କାହିଁକି ଏବଂ କେଉଁଠି ଗୁଳି ଚଲାଇଲା ? ଏନେଇ ତଦନ୍ତ ଆରମ୍ଭ ହୋଇଛି। ତେବେ ବନ୍ଧୁକ କେଉଁଠୁ ଆଣିଲେ ସେ ଦିଗରେ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି। ହେଲେ ହାତୀକୁ ଲାଗିଥିବା ଗୁଳି ଶିକାର ପାଇଁ ନା ଘଉଡ଼ାଇବା ପାଇଁ ତାହା ବି ତଦନ୍ତ ପରିସରଭୁକ୍ତ ବୋଲି ଡିଏଫ୍‌ଓ କହିଛନ୍ତି।

## ଭଦ୍ରକାଳୀ ଡିଭାଇନର ଅଧିଷ୍ଠାନ ଦିବସ




ଭଦ୍ରକ, ୦୧/୦୮ (ନି.ପ୍ର): ଭଦ୍ରକାଳୀ ଡିଭାଇନ ଲାୟନ୍ସ କ୍ଲବ୍‌ର ଅଧିଷ୍ଠାନ ଦିବସ ଆଜି ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷର ବିଦାୟୀ ସଭାପତି ଲାୟନ ବୈଲୋଚନ ବେହୁରିଆଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ୩୨୨ ସିଛ ଜିଲାର ପ୍ରଥମ ଡିଷ୍ଟ୍ରିକ୍ ଗଭର୍ଣ୍ଣର ଲାୟନ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲାୟନ୍ସ ସଭ୍ୟମାନଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଲାୟନ ପ୍ରଧାନ ଚଳିତବର୍ଷର ସଭାପତି ରୂପେ ଲାୟନ ପ୍ରଭାତ କୁମାର ଧଳ ଓ ସଂପାଦକ ଭାବେ ଲାୟନ ସନ୍ତୋଷ କୁମାର ପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ବିଧିପୂର୍ବକ ଅଧିଷ୍ଠିତ କରାଇଥିଲେ। ଚଳିତବର୍ଷ ଉପସଭାପତି ଭାବେ ଲାୟନ ସୁଶାନ୍ତ ସାହୁ, ଲାୟନ ତିଳୋତ୍ତମା ପଣ୍ଡା ଓ ଲାୟନ ବର୍ଷା ମଙ୍ଗଳ ସଧା, କୋଷାଧ୍ୟକ୍ଷ ଭାବେ ଲାୟନ ରାଜେନ୍ଦ୍ର ପଣ୍ଡା, ଲାୟନ ଟେମର ଲାୟନ ଅମର ମହାନ୍ତି, ଟେଲଟୁଇଷ୍ଟର ଲାୟନ ସୋମନାଥ ପଣ୍ଡା ତଥା ଡାଇରେକ୍ଟର ଭାବେ ଲାୟନ ପର୍ଶୁରାମ ଦ୍ୱିବେଦୀ, ଲାୟନ ପଦ୍ମନ ରାୟ, ଲାୟନ ବଳରାମ ମିଶ୍ର, ଲାୟନ ଗୀତାଞ୍ଜଳି ଦ୍ୱିବେଦୀ, ଲାୟନ ସତ୍ୟେନ୍ଦୁ ରାୟ ମହାପାତ୍ର, ଲାୟନ ରାଜେନ୍ଦ୍ର ହୋତା, ଲାୟନ ଡାକ୍ତର ହରେକୃଷ୍ଣ ନାୟକ, ଲାୟନ ପ୍ରତାପ ନାୟକ ଓ ଲାୟନ ପ୍ରମୋଦ ରାୟ ପ୍ରମୁଖ ଅଧିଷ୍ଠିତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ଲାୟନ ବିଜୟ ଗୁପ୍ତା ଓ ଲାୟନ ଅଶୋକ ମହାନ୍ତି ଶୁଭେଚ୍ଛା ଜଣାଇଥିଲେ। ଇତିପୂର୍ବରୁ ଲାୟନ୍ସ କ୍ଲବ୍‌ର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ଉପରେ ମୁଖ୍ୟବକ୍ତା ପୂର୍ବତନ ଗଭର୍ଣ୍ଣର ଲାୟନ୍ସ ପ୍ରକାଶ ଜେନ ସମ୍ୟକ ସୂଚନା ପ୍ରଦାନ କରିବା ସହ ନୂତନ ସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଲାୟନ ପରମାନନ୍ଦ ସାହୁ ପୁଷ୍ପଗୁଚ୍ଛ ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

## ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ



ଖଇରା, ୦୧/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ନାହୁଲ ଗ୍ରାମର ପ୍ରମୋଦ ଦାସଙ୍କ ପତ୍ନୀ ଅପରାଜିତା ସନ୍ଦେହ ଜନକ ଭାବେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମୃତ ଶରୀରକୁ ନିଜ ଶୋଇବା ଘର ଫ୍ୟାନରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ସୁଦର୍ଶନ ଙ୍କ ପୁଅ ପ୍ରମୋଦର ବିବାହ ୩ମାସ ତଳେ ଔପଦା ଥାନା ଅଧୀନ ଦୁକଣ୍ଡଖଇରା ଗ୍ରାମର କୈଳାସ ପୃଷ୍ଟିଙ୍କ ଝିଅ ଅପରାଜିତାଙ୍କ ସହ ହୋଇଥିଲା । ବିବାହର ୧୫ଦିନ ପରେ ମନୋମାଳିନ୍ୟ ଯୋଗୁଁ ପ୍ରମୋଦ ବିଦେଶ ପଳାଇଥିଲା । ଝିଅର ଏଭଳି ମୃତ୍ୟୁ ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟା ବୋଲି ବାପଘର ତରଫରୁ ଅଭିଯୋଗ କରାଯାଇଛି । ବାପଘର ଲୋକଙ୍କ ଅଭିଯୋଗ ପରେ ଖଇରା ପୋଲିସ ଏକ ମାମଲା(୧୯୯/୨୨) ରୁଜୁ କରି ଶ୍ୱଶୁର ସୁଦର୍ଶନ ଓ ଶାସୁ ଜୟନ୍ତୀଙ୍କୁ ଗିରଫ କରିଛନ୍ତି । ଅପରାଜିତାର ଶୋଇବା ଘରୁ ମିଳିଥିବା ଏକ ଡାଇରିରୁ ସମସ୍ତେ ତାକୁ ହତାଦର କରୁଥିବା ଏବଂ ବଞ୍ଚିବା ପାଇଁ ଭଲହୃଦୟ ଆବଶ୍ୟକତା ଅଛି ଏହିଭଳି କିଛିଲେଖା ରେ ସେ ମାନସିକ ସ୍ତରରେ ଯନ୍ତ୍ରଣା ଓ ନିର୍ଯାତନା ହେଉଥିବା ନେଇ କୁହାଯାଉଛି । ଉପଯୁକ୍ତ ତଦନ୍ତ କରି ଏଭଳି ମୃତ୍ୟୁ ପଛରେ ସାମିଲ ଥିବା ବ୍ୟକ୍ତି ମାନଙ୍କୁ ଦଣ୍ଡଦେବାକୁ ଉଭୟ ନାହୁଲ ଓ ଦୁକଣ୍ଡଖଇରା ଗ୍ରାମବାସୀ ଦାବୀ କରିଛନ୍ତି ।

# ବ୍ରାହ୍ମଣ ସମିତିର ୧୧୩ତମ ଅଧିବେଶନ

ବାଲେଶ୍ୱର,୦୧/୦୮ (ନି.ପ୍ର): ଜିଲା ବ୍ରାହ୍ମଣ ସମିତିର ୧୧୩ ତମ ଅଧିବେଶନ ଦାମୋଦରପୁର ସ୍ଥିତ କାର୍ଯ୍ୟାଳୟରେ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ଶତବାର୍ଷିକୀ ସମାରୋହର ଆୟ-ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ତାହା ସଭାଦ୍ୱାରା ତର୍ଜମା ପୂର୍ବକ ଅନୁମୋଦିତ ହୋଇଥିଲା। ଏହି ଅବସରରେ ସମିତିକୁ ଭୂମିଦାନ କରିଥିବା ସ୍ୱର୍ଗତଃ କାଶୀନାଥ ପଣ୍ଡାଙ୍କୁ 'ବ୍ରହ୍ମଜ୍ୟୋତି' ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ନାତି ଏହାକୁ ଗ୍ରହଣ କରିଥିଲେ। ଏହା ବ୍ୟତୀତ ଉଲେଖନୀୟ କାର୍ଯ୍ୟ ପାଇଁ ପଣ୍ଡିତ ଲୋକନାଥ ପଣ୍ଡା, ପ୍ରବୋଧ ଦାଶ, ରମାନାଥ ମିଶ୍ର ଓ ପ୍ରଦୀପ ଚକ୍ରବର୍ତ୍ତୀଙ୍କୁ ବି ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର କୋଷାଧକ୍ଷ ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ଅସୁସ୍ଥତା ଯୋଗୁଁ ସହକାରୀ ସମ୍ପାଦକ ନିରାକର ଦାଶଙ୍କୁ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ବାଲେଶ୍ୱର ପୌରାଞ୍ଚଳ କମିଟିକୁ ଅଧିକ କ୍ରିୟାଶୀଳ କରିବା ସଭ୍ୟ ସଂଗ୍ରହ ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ତ୍ରିଦିବସୀୟ ଶତବାର୍ଷିକୀ ସମାରୋହ ୨୦୨୨ର ସୁସଂପାଦନରେ ସକ୍ରିୟ ସହଯୋଗ, ସାହାଯ୍ୟ ଓ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ବୈଠକରେ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, କୃଷ୍ଣଚନ୍ଦ୍ର ପତ୍ରୀ, ଶକ୍ତିପଦ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ସରୋଜ ନାରାୟଣ ଷଡ଼ଙ୍ଗୀ, ଲୋକନାଥ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ପୁଣ୍ୟଶ୍ଳୋକ ନନ୍ଦ, ଭଗବାନ ଆଚାର୍ଯ୍ୟ, ପ୍ରଦୀପ ଚକ୍ରବର୍ତ୍ତୀ, ପ୍ରଦୀପ ମିଶ୍ର, ହରିଶ୍ଚନ୍ଦ୍ର ପତି, ନୟନ କୁମାର ପଣ୍ଡା, ଡ. ଗୌରସାଧନ ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ବେଦପାଠ କରିଥିବା ବେଳେ ପ୍ରଶାନ୍ତ ଶତପଥୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ଦଫା ଦାବିରେ କ୍ଷେତ ମଜଦୂର ୟୁନିୟନର ବିକ୍ଷୋଭ

ଜଳେଶ୍ୱର, ୦୧/୮(ନି.ପ୍ର): ରାଜ୍ୟର ସମସ୍ତ ଭୂମିହିନ, ଦଳିତ, ଆଦିବାସୀ ଓ ଗରିବ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇବାଲାଗି ଓଡିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ସମସ୍ତ ଭତ୍ତା ଧାରୀଙ୍କୁ ୩ହଜାର, ବରିଷ୍ଠ କୃଷି ଶ୍ରମିକଙ୍କୁ ୫ହଜାର ଭତ୍ତା, ପରିବାରର ପ୍ରତ୍ୟେକଙ୍କୁ ୫ କି.ଗ୍ରା ବଦଳରେ ୧୦ କି.ଗ୍ରାର ଖାଉଟି ସମାଗ୍ରୀ ପ୍ରଦାନ କରାଯିବାକୁ କ୍ଷେତ ମଜଦୁର ୟୁନିୟନ ମୂଳ ଏଜେଣ୍ଡା ରଖିଛି । ବିଭିନ୍ନ ଦାବି ନେଇ ଆଜି ୧୦ ଘଟିକା ସମୟରେ ୟୁନିୟନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଜଳେଶ୍ୱର ରେଳ ଷ୍ଟେସନରୁ ବାହାରି ସହର ପରିକ୍ରମା କରିବାପରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସ୍ୱାଧିନତାର ୭୫ବର୍ଷରେ ଅମୃତ ମହୋତ୍ସବ ହେଉଥିଲା ବେଳେ ଭୂମୀହୀନ ଦଳିତ ଆଦିବାସୀଙ୍କ ଭାଗ୍ୟ ଆଜିବି ଅନ୍ଧାରରେ । ୫୪ ଭାଗ ପରିବାର ଭୂମିହୀନ ଥିବା ବେଳେ ୩୬.୧୯ଭାଗ ପରିବାରଙ୍କର ଘରଡିହ ନାହିଁ । ପୁଣି ଭତ୍ତା ଧାରୀଙ୍କୁ ମାସିକ ୫୦୦ ଟଙ୍କା ମିଳୁଥିବା ବେଳେ ସାମାଜିକ ଓ ଅର୍ଥନୈତିକ ବ୍ୟକ୍ତିଙ୍କର ନିରାପତ୍ତା ନାହିଁ । ମରୋରେଗା ଯୋଜନାରେ ୨୦୦ ଦିନର କାମ ଓ ୬୦୦ ଟଙ୍କା ମଜୁରୀ ଦିଆଯିବା ସହିତ ରାଜ୍ୟ ସରକାର ଅଧିକ ୧୦୦ ଟଙ୍କା ଦେବାକୁ ଦାବି କରାଯାଇଛି । ସମାନ କାମକୁ ସମାନ ମଜୁରୀ ପାଇବା ସହିତ ସମସ୍ତ ଖାଦ୍ୟ ପଦାର୍ଥରୁ ଜିଏସ୍‌ଟି ପ୍ରତ୍ୟାହାର କରାଯିବାକୁ ସେମାନେ ଦାବି କରିଛନ୍ତି । ଭୂମିହୀନଙ୍କୁ ଆବାସ ଯୋଜନାରେ ୫ହଜାର ଟଙ୍କାର ଗୃହ ସାମଗ୍ରୀ ଯୋଗାଇବା, ଜଙ୍ଗଲଜମି ଅଧିକାରରେ ସମସ୍ତଙ୍କୁ ପଟ୍ଟା ତଥା ୧୯୮୦ ଜଂଗଲ ଜମି ଆଇ ସଂଶୋଧନ ପ୍ରସ୍ତାବକୁ ବାତିଲ କରାଯାଉ । ଖାଲିଥିବା ଡାକ୍ତର ଓ ଶିକ୍ଷକ ପଦବୀ ପୂରଣ, ଭୂସଂସ୍କାର ଆଇନ୍ ସଂଶୋଧନ କରି ଭାଗଚାଷୀଙ୍କୁ ସ୍ୱୀକୃତି ଓ ଫସଲ ବିକ୍ରିର ସୁଯୋଗ ଦେବାକୁ ଦାବି କରାଯାଇଛି । ଦିପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଦିଲ୍ଲିପ ଗିରି, ଦିଲ୍ଲିପ ପରିଡା, ଅବଦୁଲ ସାଦ୍ଦିକ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ଭାଗବତ ପ୍ରଧାନ, ଜୀବନ ପରିଡା, ପୂର୍ଣ୍ଣ ସିଂ, ରତନ ଦାସ, ଶଂକର ଗୋଛାୟତ, କର୍ତ୍ତିକ ସିଂ, ବିଦ୍ୟାଧର ଖଟୁଆ, ଲକ୍ଷ୍ମୀଧର ପଲାଇ, ଗଣେଶ ଭୂୟାଁ, ସବିତା ଭୂୟାଁ, ସୁବ୍ରତ ବିଶ୍ୱାଳ ଓ ମଦନ ମହାଲି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ସ୍ୱାଧୀନତା ଦିବସ ୨୦୨୨ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ବାଲେଶ୍ୱର,୦୧/୦୮ (ନି.ପ୍ର): ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ୨୦୨୨ ପାଳନ ସମ୍ପର୍କିତ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ କୋଭିଡ୍-୧୯ ଗାଇଡ୍‌ଲାଇନର ଅନୁପାଳନ ପୂର୍ବକ ସ୍ୱାଧୀନତା ଦିବସ ପାଳନ କରାଯିବାକୁ ନିଷ୍ପତି ନିଆଯାଇଛି । ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲେଶ୍ୱର ପୌରାଞ୍ଚଳରେ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ରାମଧୂନ ପରିବେଷଣ କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ସକାଳ ଘ୭.୩୦ ମିନିଟ ସୁଦ୍ଧା କୋଭିଡ ନିୟମର ଅନୁପାଳନ ପୂର୍ବକ ଜାତୀୟ ପତାକା ଉତୋଳନ କରାଯିବ । ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରାଯିବ । ସ୍ଥାନୀୟ ରିଜର୍ଭ ପୁଲିସ ପରେଡ୍ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବେ । ଚଳିତ ବର୍ଷ ଆନୁଷ୍ଠାନିକ ପରେଡ/ମାର୍ଚ୍ଚପାଷ୍ଟ ହେବ ନାହିଁ । କେବଳ ପୋଲିସ ବାହିନୀ ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବ । ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏଥିରେ ଭାଗ ନେବେ ନାହିଁ । କୋଭିଡ ନିୟମାବଳୀ ଅନୁଯାୟୀ ପଡିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଉତ୍ସବ ପାଳନ ପୂର୍ବରୁ ପଡିଆକୁ ଭଲ ଭାବେ ସାନିଟାଇଜ୍ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ପ୍ରବନ୍ଧ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା ।ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ମଂଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥି ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକାର ଅନୁପାଳନ କରି ସ୍ୱାଧୀନତା ଦିବସ ପାଳନ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି । ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଭବେଶ କୁମାର ନାୟକ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଡିଏଫଓ ଆୟୁଷ ଜୈନ୍, ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଟାଟା ପାୱାର ମିଟର ରିଡର କର୍ମଚାରୀଙ୍କର ସମାବେଶ




ବାରିପଦା, ୦୧/୦୮ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ମିଟର ରିଡର ମାନଙ୍କର ଏକ ସମାବେଶ ବାରିପଦା ଠାରେ ଅନୁଷ୍ଠିତ ହୋଇଯାଇଅଛି । ସମାବେଶରେ ମୁଖ୍ୟ ଅତିଥି ରୂପେ ସଂଘର ଉପଦେଷ୍ଟା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସ୍ୱତନ୍ତ୍ର ଅତିଥି ରୂପେ ବାରିପଦା ମୁନିସିପାଲିଟିର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବରେ ସଂଘର ଉପସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଓ ସମ୍ମାନିତ ଅତିଥି ରୂପେ ସଂଘର ସଭାପତି ସୁବ୍ରମନ୍ୟମ ମହାନ୍ତି, ସଂଘର ଡିଭିଜନ ଅର୍ଗାନାଇଜର ଦେବାଶିଷ ବେହେରା, ସମାଜସେବୀ ଅମର କୁମାର ସେଠୀ ଓ ସଂଜିତ ସେଠୀ ପ୍ରମୁଖ ଯୋଗଦେଇ ମିଟର ରିଡର ମାନଙ୍କର ନିଯୁକ୍ତି ଦିନଠାରୁ ସର୍ବନିମ୍ନ ମଜୁରୀରେ ବକେୟା ପ୍ରାପ୍ୟ ସହ ବୋନସ ପ୍ରଦାନ କରିବା, ମିଟର ରିଡର ମାନଙ୍କୁ କେବଳ ରିଡିଂ କାର୍ଯ୍ୟରେ ନିୟୋଜିତ କରିବା, ଇପିଏଫ ଏବଂ ଇଏସଆଇ ଠିକ୍ ଭାବେ ପୈଠ କରିବା, ଇଏସଆଇ କାର୍ଡ, ପରିଚୟ ପତ୍ର, ନିଯୁକ୍ତି ପତ୍ର ଏବଂ ପ୍ରତି ମାସରେ ଦରମା ସ୍ଲିପ ପ୍ରଦାନ କରିବା, ଭୁତ ଗ୍ରାହକ ଗୁଡ଼ିକ ଭେରିଫିକେସନ କରି ବିଲ ଗୁଡ଼ିକ ତୁରନ୍ତ ବନ୍ଦ କରିବା, ଯେଉଁ ମିଟର ଗୁଡ଼ିକ ଖରାପ ହୋଇଛି ତୁରନ୍ତ ଲଗେଇବା, ବିଲିଂ କରିବା ପୂର୍ବରୁ ସମସ୍ତ ମିଟର ରିଡର ମାନଙ୍କୁ ରୋଲ, କେଟ୍ରିଜ, ପ୍ରିଂଟର ଓ ମୋବାଇଲ ଫୋନ ଯୋଗାଇ ଦେବା, ଶ୍ରମ ଆଇନ ଅନୁସାରେ ପ୍ରତ୍ୟେକ ମାସର ୭ ତାରିଖ ଭିତରେ ଦରମା ଦେବା, ପ୍ରତ୍ୟେକ ମାସ ତୈଳ ଭତା ଓ ମୋବାଇଲ ରିଚାର୍ଜ କରିବା ଇତ୍ୟାଦି ଦାବୀ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଏହି ଦାବି ଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ଭିତରେ ପୁରଣ ନକଲେ ଶ୍ରମିକ ଅଶାନ୍ତି କାରଣରୁ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଜ୍ୟୋତି ଲାଲ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ, ସମାବେଶରେ ବାରିପଦା ଡିଭିଜନ ଅଧିନରେ ଥିବା ମିଟର ରିଡର ପ୍ରଶାନ୍ତ କୁମାର ଦାସ, ସୀମାଚଳ ବେହେରା, ସୁଶାନ୍ତ ଜେନା, ଜୟଦ୍ରଥ ବେହେରା, ମାନସ ଦଳେଇ, ପ୍ରଦୀପ ଖିଲାର, ଶଶାଙ୍କ ବେହେରା, ସତ୍ୟଶେଖର ମହାନ୍ତ, ଜୟକୃଷ୍ଣ ପତି, ପ୍ରବୋଧ କୁମାର ରାୟ, ହରେକୃଷ୍ଣ ପାତ୍ର, କୃଷ୍ଣ ସେଠୀ ପ୍ରମୁଖ ନିଜନିଜର ମତ ରଖିଥିବା ବେଳେ ସମସ୍ତ ମିଟର ରିଡର ଯୋଗଦେଇଥିଲେ।

## ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ

ବସ୍ତା, ୦୧/୦୮ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଚଣ୍ଡୀପୁର ଗ୍ରାମରେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ସୂଚନା ରୁ ପ୍ରକାଶ ମହିଳା ଜଣଙ୍କ ଦିନ ଗୋଟାଏ ସମୟ ରେ ବିଲ ରୁ କାମ ସାରି ଘରକୁ ଫେରୁଥିବା ସମୟ ରେ ବଜ୍ରାଘାତ ହୋଇଥିଲା । ଫଳରେ ବିଲ ହିଡରେ ଘଟଣା ସ୍ଥଳରେ ବେହୋସ ହୋଇ ପଡି ଯାଇଥିଲେ । ତେବେ ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥା ରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ, ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ତେବେଖବର ପାଇ ବସ୍ତା ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଶବ କୁ ବ୍ୟବଛେଦ ପାଇଁ ପଠାଇଛି । ତେବେ ଚଣ୍ଡୀପୁର ଗ୍ରାମର ଗୋପାଳ ମୁଖିଙ୍କ ସ୍ତ୍ରୀ ମିନତୀ ମୁଖି( ୩୫) ବୋଲି ଯଣାପଡିଛି । ସେହିପରି ହଳଦୀପଦା ପଞ୍ଚାୟତ ର ରହିମପଡା ଗ୍ରାମର ଆକାଶ ଦାସ (୪୮) ମଧ୍ୟ ବଜ୍ରାଘାତରେ ମୃତ୍ୟୁ ଘଟିଛି ।

## ଡାକ୍ତର ଆଶିଷ କୁମାର ପଟ୍ଟନାୟକଙ୍କ ପରଲୋକ

ବାଲେଶ୍ୱର,୦୧/୦୮ (ନି.ପ୍ର): ବାଲେଶ୍ୱର ମାଟିର ପୁଅ ମଲିକାଶପୁରସ୍ଥିତ ସ୍ୱର୍ଗତ ମାନସ ରଞ୍ଜନ ପଟ୍ଟନାୟକଙ୍କ ପୁତ୍ର ଭେଷଜ ବିଶେଷଜ୍ଞ ଡାକ୍ତର ଆଶିଷ କୁମାର ପଟ୍ଟନାୟକଙ୍କର ସୋମବାର ପରଲୋକ ହୋଇଯାଇଛି। ଭୁବନେଶ୍ୱର ନୟାପଲି ବାସଭବନରେ ସକାଳ ପ୍ରାୟ ୭ଟା ୫ ମିନିଟରେ ତାଙ୍କର ସ୍ୱର୍ଗବାସ ହୋଇଛି। ତାଙ୍କର ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ୧୯୪୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସେ। ଡାକ୍ତରୀ ଶିକ୍ଷା ସମସ୍ତ ପରେ ସେ ବାରିପଦା, ଭଦ୍ରକ ଓ ଭୁବନେଶ୍ୱରର ବିଭିନ୍ନ ଚିକିତ୍ସାଳୟରେ କାର୍ଯ୍ୟ କରିଛନ୍ତି। ପରିଶେଷରେ ଭୁବନେଶ୍ୱର ନୟାପଲୀ ଅଞ୍ଚଳରେ ସ୍ଥାୟୀ ଭାବେ ଅବସ୍ଥାନ କରୁଥିଲେ।

# ଆଶ୍ରୟ ଖୋଜୁଛନ୍ତି ତିନି ଶିଶୁ କନ୍ୟା ହୀରା, ରାହି ଓ ତୁଳସୀ



ଉଦଳା, ୦୧/୦୮ (ନି.ପ୍ର): ଉଦଳା ପଞ୍ଚାୟତ ସମିତିର ଶ୍ରୀଦାମଚନ୍ଦ୍ରପୁର ଗ୍ରା:ପ: ଅନ୍ତର୍ଗତ ଲାଲଗୁଠ ଗ୍ରାମର ବାସିନ୍ଦା ଲସ ଟୁଡୁଙ୍କର ତିନି ଜଣ କନ୍ୟା ହୀ, ରାହି ଓ ତୁଳସୀ ବର୍ତ୍ତମାନ କୌଣସି ସ୍ଥାନରେ ରହି ପାଠ ପଢ଼ିବା ପାଇଁ ଆଶ୍ରୟ ସ୍ଥଳ ଖୋଜୁଥିବାର ଜଣାଯାଇଛି । ଘଟଣାରୁ ଜଣାଯାଏ ଉକ୍ତ ତିନି କନ୍ୟାଙ୍କର ପିତା ଓ ମାତା ଆଜକୁ ଦୀର୍ଘ ଦିନ ଧରି କେଉଁଆଡ଼େ ଚାଲିଯାଇଛନ୍ତି ତାହାର ଖୋଜ ଖବର ମିଳୁନାହିଁ । ଏକଥା ଉକ୍ତ ତିନି କନ୍ୟା ବର୍ତ୍ତମାନ ଆଶ୍ରୟ ନେଇଥିବା ବଡ଼ବାପା ରଥଟୁଡୁ ଜଣାଇଛନ୍ତି । ହୀରା ର ବର୍ତ୍ତମାନ ବୟସ ୮ ବର୍ଷ ହୋଇଥିବାବେଳେ ସେ ଗ୍ରାମରେ ଥିବା ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ସେହିପରି ରାହିର ବୟସ ୫ ବର୍ଷ ଓ ତୁଳସୀର ବୟସ ୩ ବର୍ଷ ହୋଇଥିବାବେଳେ ଉଭୟ ଅଙ୍ଗନୱାଡ଼ିରେ ପଢୁଛନ୍ତି । ଦିନକୁ ଦିନ ପିଲାଙ୍କର ବୟସ ବଢ଼ିବା ସଂଗେ ସଂଗେ ତାଙ୍କ ପାଇଁ ଖର୍ଚ୍ଚ ମଧ ଦରକାର ପଡୁଛି । ଏତିକିବେଳେ ବଡ଼ବାପା ରଥ ଟୁଡୁଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ଏହି ଶିଶୁ କନ୍ୟାମାନଙ୍କର ରହଣି ଓ ପାଠ ପଢ଼ିବାର ବ୍ୟବସ୍ଥା କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ଦିଲ୍ଲୀ ଯିବେ ୨୬ ବିଧାୟକ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ ଓଡ଼ିଶାର ୨୬ ଜଣ ବିଧାୟକ। ଆସନ୍ତାକାଲି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ସମସ୍ତ ବିଧାୟକ ଦିଲ୍ଲୀ ଯିବେ। ଏହି ବିଧାୟକଙ୍କ ମଧ୍ୟରେ ବିଜେଡିର ୧୫ ଜଣ, କଂଗ୍ରେସର ୩ ଜଣ, ବିଜେପିର ୬ ଏବଂ ସିପିଆଇର ଜଣେ ବିଧାୟକ ଅଛନ୍ତି। ଆସନ୍ତା ୩ ତାରିଖ ଦିନ ସମସ୍ତ ବିଧାୟକ ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ଗତ ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ।

# ବାମନଘାଟୀ ବ୍ରାହ୍ମଣ ସମାଜ ପକ୍ଷରୁ ସମାଜ କଲ୍ୟାଣ ପାଇଁ ରୁଦ୍ରାଭିଷେକ



ବାରିପଦା, ୦୧/୦୮ (ନି.ପ୍ର): ମାନବ କଲ୍ୟାଣ ସର୍ବ ସୁଖଃ ଶାନ୍ତି ଓ ଶାନ୍ତି ପ୍ରତିଷ୍ଠା କରିବା ଲକ୍ଷ ନେଇ ରାଇରଙ୍ଗପୁର ସ୍ଥିତ ବାବା ପୂର୍ଣ୍ଣେଶ୍ୱର ମହାଦେବଙ୍କ ନିକଟରେ ୧୦୮ ମନ୍ତ୍ର ପାଠ ସହ ହୋମ ଯଜ୍ଞ ଅନୁଷ୍ଠାନ କରାଯାଇଛି। ସକାଳୁ ରୁଦ୍ରାଅଭିଷେକ ପୂଜାକର୍ମ ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ରେ ପୂର୍ଣ୍ଣାଆହୁତି ହୋଇଥିଲା। ପୂଜାବିଧି ରିତିନୀତି କର୍ମକାଣ୍ଡରେ ପୂଜକ ପ୍ରସନ୍ନ ଷଣ୍ଡଙ୍ଗୀ, ଦେବ ବ୍ରତ ରଥ ଶର୍ମା, ନିଳକେତନ ସାମନ୍ତରାୟ, ବିଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିବା ବେଳେ କର୍ତ୍ତା ଭାବେ ସୁଶାନ୍ତ ପରିକ୍ଷା ଏବଂ ତାଙ୍କ ସହ ଧର୍ମଣୀ ନିୟଜିତ ଥିଲେ । ମୟୂରଭଂଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ବ୍ରାହ୍ମଣ ସମାଜର ସଭାପତି ଅଶ୍ୱିନୀ କୁମାର ପଣ୍ଡା, ସମ୍ପାଦକ ସତ୍ୟ ରଞ୍ଜନ ମହାପାତ୍ର, କଟି ପଣ୍ଡା, ଗଣେଶ୍ୱର ଦାଶ, ବାଙ୍କୁ ନନା, ବିରେଶ କବି, ପାର୍ଥ କବି, ଦିଲ୍ଲୀପ ଷଣ୍ଡଙ୍ଗୀ, ଆଲୋକ ମିଶ୍ର, ଇଶାନ ମିଶ୍ର, ସୁଧିର ମିଶ୍ର, ନମିତା ଚୌଧୁରୀ, ରମାକାନ୍ତ ପଣ୍ଡା ପ୍ରମୁଖ ପୂଜା ବିଧି ପରିଚାଳନା କରିଥିଲେ । ଉକ୍ତ ରୁଦ୍ରାଅଭିଷେକ ପୂଜାରେ ବାମନଘାଟୀ ଉପଖଣ୍ଡର ବିଭିନ୍ନ ପ୍ରାନ୍ତର ବ୍ରାହ୍ମଣ ଗାଁର ବ୍ରାହ୍ମଣ ଓ ପଣ୍ଡିତ ମାନେ ଯୋଗ ଦେଇଥିଲେ ।

# ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୧/୦୭ (ନି.ପ୍ର): ଗତକାଲି ୩୧ ତରିଖରେ ଭଦ୍ରକ ଶହୀଦ ସ୍ମୃତି ଭବନ ଠାରେ ପ୍ରଜାତନ୍ତ୍ରର ୩୫ତମ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଏହି ମହୋତ୍ସବରେ ସ୍ନେହା ଦାସ ପ୍ରଜାତନ୍ତ୍ରର ପ୍ରତିଷ୍ଠାତା ଡ. ହରେକୃଷ୍ଣ ମହତାବଙ୍କର ପ୍ରତିଛବି ଅଙ୍କନ କରି ପ୍ରଜାତନ୍ତ୍ରର ସମ୍ପାଦକଙ୍କୁ ଭେଟି ଦେଇଥିଲେ । ସ୍ନେହାଙ୍କର ଏହି ଉଚ୍ଚ କୋଟୀର ଚିତ୍ରାଙ୍କନ ସମସ୍ତଙ୍କର ମନକୁ ଛୁଇଁ ପରିଥିଲା । ମହୋତ୍ସବରେ ସାଂସଦ ସମ୍ପାଦକ ଅନେକ ରାଜନୈତିକ ନେତାଙ୍କ ଦ୍ୱାରା ସ୍ନେହାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ସ୍ନେହା ତାଙ୍କର ତୂଳୀ ମୁନରେ ଜୀବନ୍ତ ରୂପ ପ୍ରଦାନ କରି, ଆନ୍ତର୍ଜାତୀୟ, ଜାତୀୟ, ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ପୁରସ୍କାର ବିଜେତା ହୋଇପାରିଛନ୍ତି । ବିଭିନ୍ନ ଚିତ୍ରକଳା ଅନୁଷ୍ଠାନ ଯଥା, ଧଉଳି ଆର୍ଟ ଏବଂ କ୍ରାଫ୍ଟ କଲେଜ, ବରଗଡ଼ କଳା କଳ୍ପନା, ଲଳିତ କଳା ଏକାଡେମୀ ଭୁବନେଶ୍ୱରରୁ ସ୍ୱର୍ଣ୍ଣ ପଦକ ହାସଲ କରି ଭଦ୍ରକ ଜିଲ୍ଲାର ଗୌରବ ଆଣିପାରିଛନ୍ତି । ସ୍ନେହା ଭଦ୍ରକ ଏସ୍.ବି.ଡି. ଇଣ୍ଟର୍‌ନ୍ୟାସନାଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଏବଂ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଦାସଙ୍କର ଏକମାତ୍ର କନ୍ୟା ।

# ଜିଲ୍ଲା କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି ଶିବିର




ଭଦ୍ରକ, ୦୧/୦୮ (ନି.ପ୍ର): ମିଳିତ ଜନ ଶୁଣାଣି ଶିବିର ଆୟୋଜନ କାର୍ଯ୍ୟସୂଚୀ ନେଇ ଆଜି ମାସର ପ୍ରଥମ ସୋମବାର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଏସ୍.ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ, ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏସ୍.ପି ଚରଣ ସିଂ ମୀନା ଏଥିରେ ଯୋଗ ଦେଇ ସମୁଦାୟ ୧୧୩ଟି ଅଭିଯୋଗର ଶୁଣାଣି କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ରାମଦାସ ଟୁଡୁ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଶୁଣାଣି କରାଯାଇଥିବା ସମୁଦାୟ ଅଭିଯୋଗ ମଧରେ ୧୦୧ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ରେଡ଼କ୍ରସ୍ ସମ୍ବନ୍ଧୀୟ ଜଣେ ଅଭିଯୋଗକାରୀଙ୍କୁ ଚିକିତ୍ସା ସହାୟତା ବାବଦ ଟ. ୫୦୦୦.୦୦ର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ସଂପୃକ୍ତ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ବିଭିନ୍ନ ଉପକରଣ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ସେଥି ମଧରେ ଥିଲା ତିନି ଚକିଆ ସାଇକେଲ ୪ଟି, ହ୍ୱିଲ ଚେୟାର ୨ଟି, ସି.ପି. ଚେୟାର ୧ଟି, ସର୍ଜିକାଲ ଜୋତା ୪ଟି, ଶ୍ରବଣ ଯନ୍ତ୍ର ୪ଟି, କୃତିମ ଅଙ୍ଗ (ପ୍ରୋସ୍ଥେସିସ୍) ୮ଟି, ଅସ୍ଥି ସ୍ନାୟୁ ଜନିତ (ଅର୍ଥୋସିସ୍) ୧୯ ଟି, ଆର୍ଣା ବାଡ଼ି ୮ଟି, ଡ଼ିଜିଟାଲ୍ ଅନ୍ଧ ବାଡ଼ି ୧ଟି, ସମୁଦାୟ ୫୧ଟି ଆଧୁନିକ ଉପକରଣ ଥିଲା । ଆଗତ ଅଭିଯୋଗ ମଧରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ପ୍ରମାଣ ପତ୍ର, ଜବର ଦଖଲ ଉଚ୍ଛେଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଲ ଶିକ୍ଷକ ନିଯୁକ୍ତି, ଶିକ୍ଷକମାନଙ୍କ ବଦଳି, କାଳିଆ ଯୋଜନାରେ ଟଙ୍କା ନମିଳିବା, ଆରଡ଼ି ଛକରୁ ଆରଡ଼ି ଆଡ଼କୁ ରାସ୍ତା ପାର୍ଶ୍ୱ ଡ୍ରେନେଜ୍ ବ୍ୟବସ୍ଥା, ସାଳନ୍ଦୀ କେନାଲ ବନ୍ଧରେ ଗବସାହି ରାସ୍ତା ମରାମତି, ରେସନ୍ କାର୍ଡ଼, ବିଦ୍ୟୁତ ଖୁଣ୍ଟ ବସାଇବା, ମ୍ୟୁନିସିପାଲିଟି ଦ୍ୱାରା ଗତ ଫେବୃୟାରୀ ମାସରୁ ଆବଣ୍ଟନ କରାଯାଇଥିବା ଦୋକାନ ଘର ଆନୁସଂଗିକ ସୁବିଧା ଅଭାବରୁ ୨୫ ରୁ ଉର୍ଦ୍ଧ ଖୋଲାଯାଇ ନପାରି ଧରି ଭଡ଼ା ଗଣିବା ଆଦି ସହ ଘରୋଇ ପାରିବାରିକ ବିବାଦ ଓ ଚିକିତ୍ସା ଜନିତ ବିଷୟ ସବୁ ଅନ୍ତର୍ଭୁକ୍ତ ଥିଲା । ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଏବଂ ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନା ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ଜଗନ୍ନାଥ ଚକ୍ଷୁ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ଶିବିର



ବାରିପଦା, ୦୧/୦୮ (ନି.ପ୍ର): ବାରିପଦା ୱାର୍ଡ ନମ୍ବର ୩ ସ୍ଥିତ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଏକ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଚକ୍ଷୁ ଫାଉଣ୍ଡେସନ ସହଯୋଗରେ ଏବଂ ବାରିପଦା ପୌରପରିଷଦ ୩ ନମ୍ବର ୱାର୍ଡର ୱାର୍ଡ କାଉନସିଲର ରାଜ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ନିଶୁଳ୍କ ଚକ୍ଷୁ ଶିବିରକୁ ଅତିଥି ଭାବେ ବାରିପଦା ନଗର ପାଳ କୃଷ୍ଣାନନ୍ଦ ମହାନ୍ତି, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମଂଜୁଳା (ଦାସ) ପ୍ରଧାନ, ଜଗନ୍ନାଥ ଚକ୍ଷୁ ଫାଉଣ୍ଡେସନ ସଂଯୋଜକ ଆଶିଷ କୁମାର ବସା, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପ୍ରଧାନ ଶିକ୍ଷକ ରଥିନ୍ଦ୍ର ନାଥ ଘୋଷ, ଉପନଗରପାଳ ସୀମା ଦାସ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ଏଥିରେ ୱାର୍ଡ ନମ୍ବର ୩ ତଥା ବାରିପଦା ସହରର ଶତାଧିକ ଜନସାଧାରଣ ଯୋଗ ଦେଇ ମାଗଣାରେ ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ଶିବିରକୁ ବିଶିଷ୍ଟ ସମାଜସେବୀ ନିରୋଜ କୁମାର ପୋଥାଳ, ବିଜୟ ଲକ୍ଷ୍ମୀ, ନୂତନ ମହାନ୍ତ, ସିକନ୍ଦର ନିଜାମି, ଆୟୁଷ୍ମାନ ସାହୁ, ସଙ୍ଗୀତ ପାତ୍ର, ଗୀତାଂଜଳୀ ବେହେରା, ସମୀକ୍ଷା ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବରେ ଶିବିର ପରିଚାଳନା କରିଥିଲେ।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
Managing & Executive Editor : Srustidhar Parida
Editor: Sairindhree Sahoo